# ଏସ୍‌ଏଚ୍‌ଜି ମହିଳାଙ୍କ ୪୦ ଲକ୍ଷ ଠକିନେଲା ଯୁବକ

## ଥାନାର ଦ୍ୱାରସ୍ଥ ହେଲେ ମହିଳା ଗୋଷ୍ଠୀ



**ସଇଁତଲା, ୮ ।୧୧ (ସମିସ):** ସଇଁତଲ ଥାନା ଅନ୍ତଗତ କୁମ୍ଭାରୀ ଗ୍ରାମରେ ସଙ୍ଘ ସହାୟିକ ଗୋଷ୍ଠୀର ମହିଳାମାନଙ୍କୁ ଗ୍ରାମର ଜଣେ ଯୁବକ ଭୁଆଁ ବୁଲାଇ ୪୦ ଲକ୍ଷ ନେଇ ଫେରାର ହୋଇଯାଇଛି। ଏନେଇ ମହିଳାମାନେ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସଇଁତଲା ପୁଲିସର ସୂଚନା ମତେ କୁମ୍ଭାରୀଗ୍ରାମର କିଛି ମହିଳା ଓ ସଙ୍ଘ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗ୍ରାମର ଦୀପକ ରଣା ଋଣ କରାଇଦେବାକୁ ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ସମସ୍ତ କାଗଜପତ୍ର ଆଣି ବିଭିନ୍ନ ଫାଇନାନ୍ସ ସଂସ୍ଥାରୁ ୨୨ ଜଣ ମହିଳା ଓ ଏସ୍‌ଏଚଜି ମହିଳାଙ୍କ ନାମରେ ୪୦ ଲକ୍ଷ ଟଙ୍କା ଋଣ କରାଇ ଦେଇଥିଲା। ଋଣ ହେବା ପରେ ସମସ୍ତ ଟଙ୍ଗା ମୋତେ ଦିଅ ମୁଁ ତୁମକୁ ଅଧିକ ଟଙ୍ଗା ଋଣ କରାଇ ଦେବି ବୋଲି ପ୍ରଲୋଭନ ଦେଖାଇଥିଲା। ଯୁବକ ଜଣକ ନିଜ ଗ୍ରାମର ହୋଇଥିବାରୁ ତା ଉପରେ ମହିଳାମାନେ ବିଶ୍ୱାସ କରି ତାକୁ ଟଙ୍ଗା ପ୍ରଦାନ କରିଥିଲେ। ଦୀପକ ମହିଳାଙ୍କ ଠାରୁ ୪୦ ଲକ୍ଷ ଋଣ ଟଙ୍ଗା ନେଇ ରାଜ୍ୟ ବାହାରକୁ ଫେରାର ମାରିଥିବା ମହିଳାମାନେ ଜାଣିବାକୁ ପାଇଥିଲେ। ଏନେଇ ସାଧାରଣ ମହିଳା ଓ ସଙ୍ଘ ସହାୟକ ଗୋଷ୍ଠୀର ଆଲିଶା ତାଣ୍ଡି, ଗେଲେଇ ରଣା, କାଞ୍ଚନ ରଣା, ଇନ୍ଦୁ ରଣା, ସୁରୁଜ କୁମାର, ସାହାଣୀ ହୁଏ, ସିନ୍ଧୁ ତମଲିଆ, ଜଳକ କୁମିରିଆ, ଦଶମୀ ମାଝୀ, ଭଗବତୀ ତମଲିଆଙ୍କ ସହ ୨୨ ଜଣ ମହିଳା ସଇଁତଲ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସଇଁତଲା ପୁଲିସ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଥବା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ କହିଛନ୍ତି।

## ଗଡ଼ିଆଯୋର ଦନ୍ତା ମୃତ୍ୟୁ ଘଟଣା

# ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ବନ ବିଭାଗ

**ପାଟଣାଗଡ଼, ୮ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଗଡ଼ିଆଯୋର ନୂଆମୁଣ୍ଡା ଠାରେ ଦନ୍ତା ମୃତ୍ୟୁ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦୁଇ ଶିକାରୀ ସୁଲିଆମାଳ ଗ୍ରାମର ପଞ୍ଚା ମେହେର ଓ ଗଡ଼ିଆଜୋର ଗ୍ରାମର ନବ କିଶୋର ଠାକୁରଙ୍କୁ ବନ ବିଭାଗ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ବାର୍‌ହା ଶିକାରରେ ବ୍ୟବହୃତ କରାଯାଇଥିବା ବିଦ୍ୟୁତ୍ ତାର ସହ ବାଇଣ୍ଡିଙ୍ଗ ତାର ଜବତ କରିଛି। ଦନ୍ତା ମୃତ୍ୟୁ ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟ ଚାରି ଜଣ ଅଭିଯୁକ୍ତ କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂଚନାନୁସାରେ ଗତ ଶୁକ୍ରବାର ରାତ୍ରିରେ ଗଡ଼ିଆଜୋର ନୂଆମୁଣ୍ଡା ଠାରେ ଏକ ଦନ୍ତାର ମୃତ୍ୟୁ ହୋଇଥିବା ଖବର ପ୍ରଚାରିତ ହୋଇଥିଲା। ପରେ ଶନିବାର ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ଭୁବନେଶ୍ୱରରୁ ଆସିଥିବା ଜେଟିଏଫ ଟିମ୍ ଓ ବନ ବିଭାଗ ଟିମ୍ ପହଞ୍ଚି ତଦନ୍ତ ଜାରିରଖିଥିଲେ। ବନ ବିଭାଗର ଏସିଏଫ ମାନସ କୁମାର ବେହେରାଙ୍କୁ ଦନ୍ତା ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲା ବନ ବିଭାଗ। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ସୁଲିଆମାଳ ଓ ଗଡ଼ିଆଯୋର ଗ୍ରାମର ଦୁଇ ବାର୍‌ହା ଶିକାରୀଙ୍କୁ ବନ ବିଭାଗ ଉଠାଇ ନେଇଥିଲା। ତଦନ୍ତ ସମୟରେ ସେମାନେ ବାର୍‌ହା ଶିକାର ପାଇଁ ଗଡ଼ିଆଜୋର ଗ୍ରାମରୁ ବିଦ୍ୟୁତ୍ ସଂଯୋଗ ଆଣି ତାର ବିଛାଇ ଥିଲେ ଓ ସେହି ଫାସରେ ଦନ୍ତା ଲାଗିଯାଇ ମୃତ୍ୟୁ ହୋଇଥିବା ଓ ସେମାନଙ୍କ ସହ ଆହୁରି ଚାରି ଜଣ ଶିକାରୀଙ୍କ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ଦନ୍ତା ମୃତ୍ୟୁ ଘଟଣାରେ ପ୍ରଥମ ଦିନରୁ ହିଁ 'ସକାଳ'ରେ ବାର୍‌ହା ଶିକାରୀଙ୍କ ବିଦ୍ୟୁତ୍ ଫାସରେ ଦନ୍ତା ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଥିଲା। ତାହା ସତ ପ୍ରମାଣିତ ହୋଇଛି ।ଏହି ଘଟଣାରେ ବନ ବିଭାଗ ଦନ୍ତାମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁଲିଆମାଳ ଗାଁର ପଞ୍ଚା ମେହେର ଓ ଗଡ଼ିଆଜୋର ଗାଁର ନବ କିଶୋର ଠାକୁରଙ୍କୁ ଗୁରୁବାର ସିନ୍ ରିକ୍ରିଏସନ୍ ପାଇଁ ଦନ୍ତା ମୃତ୍ୟୁ ସ୍ଥାନକୁ ନେଇଥିଲା ।କିଭଳି ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ ଓ କେଉଁ ଠାରୁ ବିଦ୍ୟୁତ୍ ସଂଯୋଗ କରିଥିଲେ ଗୋଟି ଗୋଟି କରି ବିଭାଗର ଅଧିକାରୀଙ୍କୁ ଦେଖାଇଥିଲେ। ବନ ବିଭାଗର ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ସେକ୍ସନ ୯, ୩୯, ୫୨ ଓ ୫୧ ଅନୁସାରେ ମାମଲା ରୁଜୁ କରି ଉଭୟ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି ବନ ବିଭାଗ। ଅପରପକ୍ଷରେ ଦନ୍ତା ମୃତ୍ୟୁ ପାଇଁ କର୍ତ୍ତବ୍ୟରେ ଅବହେଳା କରିଥିବା ପାଟଣାଗଡ଼ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ଓ ଲରମ୍ଭା ସେକ୍ସନ ଫରେଷ୍ଟର ବିରଞ୍ଚି କୁମ୍ଭାରଙ୍କ ବିରୋଧରେ ବନ ବିଭାଗ ତରଫରୁ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ରେଞ୍ଜର ଓ ଫରେଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?**



# ବଙ୍ଗୋମୁଣ୍ଡା ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ଦାବି ତେଜୁଛି

**କଣ୍ଟାବାଞ୍ଜି, ୮ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ରାଜୁଡା ଅମଳର ବଙ୍ଗୋମୁଣ୍ଡା ପଞ୍ଚାୟତକୁ ଦୀର୍ଘ ବର୍ଷ ଧରି ଏନ୍‌ଏସି ମାନ୍ୟତା ଦାବି ହୋଇଆସୁଛି ।ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦାବି ପାଇଁ ଦୀର୍ଘ ବର୍ଷରୁ ଦାବିହୋଇ ଆସୁଥିଲେ ମଧ୍ୟ ସରକାରୀ ସ୍ତରରେ ଅଣଦେଖା କରାଯାଉଥିବାରୁ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଙ୍ଗୋମୁଣ୍ଡା ଏନ୍‌ଏସି ମାନ୍ୟତାର ସମସ୍ତ ଯୋଗ୍ୟତା ମାନଦଣ୍ଡ ଥିବା ସତ୍ତ୍ୱେ ଏନ୍‌ଏସି ଘୋଷଣା ହୋଇନପାରିବା ପରିତାପର ବିଷୟ। ପୂର୍ବରୁ ଆନ୍ଦୋଳନ ଜୋରଦାର ହୋଇଥିଲା ।ଏପରିକି ବଚ୍ ସମ୍ମୁଖରେ ଏନ୍‌ଏସି ମାନ୍ୟତା ଦାବି ନେଇ ଆମରଣ ଅନଶନ ମଧ୍ୟ କରାଯାଇଥିଲା। ରାଜୁଡା ଅମଳର ବଙ୍ଗୋମୁଣ୍ଡା ଉପରେ ବଙ୍ଗୋମୁଣ୍ଡା, ତୁରେକେଲା, ମୁରିବାହାଲ ବ୍ଲକର ଅନେକ ଗ୍ରାମର ଲୋକେ ନିର୍ଭର କରିଥାନ୍ତି ।ବଲାଙ୍ଗିର ଜିଲାର ଉପାନ୍ତ ତଥା ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ସଂଯୋଗ କରୁଥିବାରୁ ବଙ୍ଗୋମୁଣ୍ଡାର ଆହୁରି ଗୁରୁତ୍ୱ ରହିଛି ।ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ମାନଦଣ୍ଡ ରହିଥିବା ସତ୍ତ୍ୱେ ବଙ୍ଗୋମୁଣ୍ଡା ଏନ୍‌ଏସି ଘୋଷଣା ହୋଇପାରିନାହିଁ। ଏନେଇ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ପୂର୍ବରୁ ବିଭିନ୍ନ ସମୟରେ ଗଣଧାରଣା, ବଙ୍ଗୋମୁଣ୍ଡା ଦୋକାନ ବଜାର ବନ୍ଦ, କାର୍ଯ୍ୟାଳୟ ବନ୍ଦ, ଆମରଣ ଅନଶନ ଆଦି ଆନ୍ଦୋଳନ ସହିତ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, ବିଭାଗୀୟମନ୍ତ୍ରୀ, ରାଜ୍ୟପାଳ ଏବଂ ମନ୍ତ୍ରୀ, ଅଧିକାରୀମାନଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ନୂତନ ସରକାର ଗଠନ ପରେ ପୁଣି ଥରେ ଏନ୍‌ଏସି ମାନ୍ୟତା ପାଇଁ ଦାବି ଉଠୁଛି। ଏପରିକି କଣ୍ଟାବାଞ୍ଜି ବିଧାୟକଙ୍କୁ ମଧ୍ୟ ଏନ୍‌ଏସି ମାନ୍ୟତା ପାଇଁ ଦାବିପତ୍ର ଦିଆଯାଇଛି। ବଙ୍ଗୋମୁଣ୍ଡାବାସୀଙ୍କର ଦୀର୍ଘ ବର୍ଷର ଦାବି ନୂତନ ସରକାରରେ ପୂରଣ ହେବ ବୋଲି ଅଞ୍ଚଳବାସୀ ଆଶା କରିଛନ୍ତି। ବଙ୍ଗୋମୁଣ୍ଡାକୁ ଏନ୍‌ଏସି ମାନ୍ୟତା ଦାବି ନେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ଅଜିତ ଯୋଶୀଙ୍କ ଆବାହାକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ନରସିଂହ ଥନାପତି, ଆନନ୍ଦ ଅଗ୍ରୱାଲ, ମାନଭଞ୍ଜନ ସରାଫ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ପୂର୍ବତନ ଜିଲ୍ଲା ପରିଷଦ ଦେବଦତ୍ତ ସରାଫ, ବିକାଶ ଜୈନ, କନ୍ଦ୍ରେନ୍ଦ୍ର ସରାଫ, କ୍ଷୀରେନ୍ଦ୍ର ସାହୁ, ବୃନ୍ଦା ହାତୀ ପ୍ରମୁଖ ଉପସ୍ଥିତ ଥିଲେ।



# ମନାଇପାଦ ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ପାଟଣାଗଡ଼, ୮ ।୧୧(ସମିସ):** ପାଟଣାଗଡ଼ ବ୍ଲକ ମନାଇପାଦ ଆଦିବାସୀ ହାଇସ୍କୁଲ ଠାରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନି ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବିଡ଼ିଓ ସୁମନ୍ତ ମିଞ୍ଜ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ମୁଣ୍ଡୋମହୁଲ ସରପଞ୍ଚ ସୁଦର୍ଶନ ମହାନନ୍ଦ, ଓସ୍ଥା ଜିଲ୍ଲା ସମ୍ପାଦକ କୁଶଧ୍ୱଜ ସାହୁ ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଆବାହକ ଶ୍ୟାମସୁନ୍ଦର ବିଶ୍ୱାଳ, ସାଂଗଠନିକ ସମ୍ପାଦକ ଗରୁଡ କୁମାର ସାମଲ, ସଂଯୋଜକ ଓମକାର ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଫଳ ରୂପାୟନ ଉପରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ତାଙ୍କର ବକ୍ତବ୍ୟ ପ୍ରଦାନ କରି ବାଲ୍ ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକରେ ୨ ଶହ ବିଦ୍ୟାଳୟରୁ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ, ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ ପ୍ରତିଯୋଗିତାରେ ଉତ୍ସାହର ସହିତ ଭାଗ ନେଇଥିବା ବେଳେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କୃତିତ୍ୱଅର୍ଜନ କରିଥିବା କୃତୀକୁନୀ ବୈଜ୍ଞାନିକ ଓ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରାମଚନ୍ଦ୍ର ଧରୁଆ ପରିଚାଳନା କରିଥିବା ବେଳେ ଆଦିବାସୀ ଉଚ୍ଚ ବିଦ୍ୟାଳୟର ସହ ଶିକ୍ଷକ ଓଁକାର ରଞ୍ଜନ ମିଶ୍ର, ଭେଙ୍କଟେଶ୍ୱର ଦାସ, ମନୋଜ ମେହେର, ଅଶ୍ୱିନ କୁମାର ସାହୁ, ତୁଳାମଣି ସାହୁ, ପ୍ରଦୀପ କୁମାର ଦତ୍ତ, ମନ୍ମଥ ପଟେଲ, ବିନୋଦ କୁମାର ମହାନ୍ତି, କାର୍ତ୍ତିକ ମାଝୀ, ପ୍ରଦୀପ ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ ଭୋଇ, ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚାମ୍ପିଅନ ଦଳ ବଲାଙ୍ଗିରକୁ ଡିଏଏର ସମ୍ବର୍ଦ୍ଧନା

**ବଲାଙ୍ଗିର, ୮।୧୧(ସମିସ):** ଓଡ଼ିଶା କ୍ରିକେଟ ଏସୋସିଏସନ ଦ୍ୱାରା ଆୟୋଜିତ ହୋଇଯାଇଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ରେ ଅଂଶଗ୍ରହଣ ପୂର୍ବକ ଚାମ୍ପିଅନ ଦଳ ଭାବେ ବିଜୟୀ ହୋଇ ବଲାଙ୍ଗିର ପାଇଁ ଗୌରବ ଆଣିଥିବା ବଲାଙ୍ଗିର ମହିଳା କ୍ରିକେଟ ଦଳ। ଶୁକ୍ରବାର କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱ ତଥା କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଷ୍ଟଡିୟମ ଠାରେ ଏକ ସ୍ୱତନ୍ତ୍ର ସମାରୋହରେ ସମସ୍ତ ଖେଳାଳିଙ୍କୁ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଦ୍ୱାରା ରୌପ୍ୟପଦକ ଅର୍ପଣ କରି ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି ।ଦଳରେ ଅର୍ନ୍ତଜାତୀୟ ଖେଳାଳିମାଧୁରୀ ମେହେଟ୍ଟା ଓ ରୋଶନାରା ପରୱିନ ସାମିଲ ଥିଲେ। ଏମାନଙ୍କ ସହ ଓଡ଼ିଶା ମହିଳା କ୍ରିକେଟ ଦଳରେ ବଲାଙ୍ଗିରର ସୁନାମ ପ୍ରତିଷ୍ଠା କରିଥିବା ଖେଳାଳି ସରିତା ମେହେର, ରାମେଶ୍ୱରୀ ନାଏକ, ରଶ୍ମିତା ଚିନ୍‌ଆରା, ଅଦିତୀ ସିଂହଦେଓ, ରୋଶନୀ ବାଗ, ଅନନ୍ୟା ମିଶ୍ର, ସାରଦା ମହାନନ୍ଦ, ମମିତା ସୁନା, ପ୍ରତ୍ୟାଶା ପ୍ରିୟଦର୍ଶିନୀ ବାଗ, ସ୍ନେହା ବଚ୍ଛା, ବିଜଲୀ ଦୀପ, ରାଧାରାଣୀ ମିଶ୍ର, ମାମି ବରଗର୍ତ୍ତି, ସାରଳା ମହାନନ୍ଦ, ଓ ଅନିଶା ନନ୍ଦ ତଥା ଟିମ୍ ମ୍ୟାନେଜର ଇନ୍ଦିରାନନ୍ଦିନୀ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ପୁନଶ୍ଚ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂହ, କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ, କୋଷାଧକ୍ଷ ପ୍ରଭାତ ମିଶ୍ର, ଗ୍ରାମ୍ୟ କ୍ରୀଡା ଓ ଓମେନ ଫେଷ୍ଟିଭାଲ ସମ୍ପାଦକ ସଂଗ୍ରାମ ବହିଦାର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ରମାକାନ୍ତ ସେଟ, ସୁଧିର ଚନ୍ଦ୍ର ପଣ୍ଡା, ଶିଶିର ବହିଦାର, ରାଜେନ୍ଦ୍ର ପୁରୋହିତ, ରବୀନ୍ଦ୍ର ମିଶ୍ର, ଗୌରଚନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଝୁଲୁଛି ଲୋକ ମହୋତ୍ସବ

**ବଲାଙ୍ଗିର, ୮।୧୧(ସମିସ):** ଲୋକକଳାକୁ ପରିଚୟ ଦେବାପାଇଁ ମଞ୍ଚ ଯୋଗାଇ ଦେଉଥିବା କାର୍ଯ୍ୟକ୍ରମ ଲୋକ ମହୋତ୍ସବ। ଏହି କାର୍ଯ୍ୟକ୍ରମ କେତେ ଯେ କଳାକାରଙ୍କୁ ଗଢି ତୋଳିଛି। କିନ୍ତୁ ଏବେ ଝୁଲୁଛି ଲୋକ ମହୋତ୍ସବର ଭାଗ୍ୟ। ପ୍ରଶାସନୀକ ଉଦାସୀନତା ଏବଂ ପରିଚାଳନା କମିଟି ମଧ୍ୟରେ ବିବାଦ। ଗତବର୍ଷ ଭଳି ଏବର୍ଷ ମଧ୍ୟ ଲୋକ ମହୋତ୍ସବ ବାଦ ପଡ଼ିବ କି? କାର୍ଯ୍ୟକ୍ରମର ଆୟୋଜନକୁ ନେଇ ଲାଗି ରହିଛି ଆଶା ଆଶଙ୍କା। ଲୋକ ମହୋତ୍ସବକୁ ନେଇ କଣ ରହିଛି ଲୋକଙ୍କ ପ୍ରତିକ୍ରିୟା, ତାହା ଜାଣିବାକୁ 'ସକାଳ' ତରଫରୁ ପ୍ରୟାସ କରାଯାଇଛି।

**ସେମାନଙ୍କ ମୁହଁରୁ**



ଲୋକମହୋତ୍ସବ ଯଦିଓ ସରକାର କରୁଛନ୍ତି ଏହା ଲୋକମାନଙ୍କ ଉତ୍ସବ ।ଏହାକୁ ବନ୍ଦ କରିବାର କାହାରି ଅଧିକାର ନାହିଁ। ଯଦି ଦୁଇବର୍ଷ ଧରି ଲୋକ ମହୋତ୍ସବ କାର୍ଯ୍ୟକ୍ରମ ବନ୍ଦ ହୁଏ ଏହାଠାରୁ ବଳି ଲଜ୍ଜାଜନକ ଓ ଅପମାନ ସୂଚକ କଥା ଆଉ କିଛି ହେବ ନାହିଁ। ମୋର ମତ ଯେକୌଣସି ମୁହୂର୍ତ୍ତରେ ଲୋକ ମହୋତ୍ସବର ଆୟୋଜନ କରାଯାଉ।

**ସନାତନ ଠାକୁର, ବରିଷ୍ଠ ନାଟ୍ୟ କଳାକାର**



ଲୋକ ମହୋତ୍ସବର ଆୟୋଜନକୁ ନେଇ ଅସ୍ପଷ୍ଟତା ରୀତିମତ ଭାବରେ ଏକ ରାଜନୈତିକ ଚକ୍ରାନ୍ତରଗନ୍ଧ ଆସୁଛି। ବଲାଙ୍ଗିରର କଳା ସଂସ୍କୃତିକୁ ମାରିଦେବା ପାଇଁ ଏକ ଯୋଜନା କରାଯାଉଥିବା ଭଳି ପ୍ରତୀତ ହେଉଛି। ବଲାଙ୍ଗିର ଜିଲ୍ଲାର କଳାକାରମାନେ ଆନ୍ଦୋଳନମୁହାଁ ହେବାର ସମୟ ଆସିଛି।

**ଘାସିରାମ ମିଶ୍ର, ବିଶିଷ୍ଟ ସଂସ୍କୃତି ଗବେଷକ**



ଲୋକମହୋତ୍ସବ ଆୟୋଜନ କରିବାକୁ ଲୋକେ ଉତ୍ସାହି, କିନ୍ତୁ ପ୍ରଶାସନ ସହଯୋଗ କରୁନାହିଁ। ବିଗତ ବର୍ଷରେ ଲୋକ ମହୋତ୍ସବ ଆୟୋଜନ ଖର୍ଚ୍ଚ ବାବଦକୁ ଅର୍ଥରାଶି ବଢ଼ିଥିବାରୁ ପ୍ରଶାସନ ପଛଘୁଞ୍ଚା ଦେଉଛି। ଜିଲ୍ଲା ସଂସ୍କୃତି ଅଧିକାରୀ ଯେଉଁଭଳି ଭାବରେ ପରିଚାଳନା କରିବା କଥା ତାହା କରୁନାହାନ୍ତି। ଲୋକମହୋତ୍ସବ ଆୟୋଜନର ପ୍ରସ୍ତାବ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ହୋଇପାରିନାହିଁ।

**ମଧୁସୂଦନ ନାଏକ, ବରିଷ୍ଠ କଳାକାର**



ବଲାଙ୍ଗିର ଲୋକମହୋତ୍ସବ ବହୁ ଆଡମ୍ବରେ ଲଘୁକ୍ରିୟା ସଦୃଶ ହୋଇଛି। ଲୋକ ମହୋତ୍ସବର ଆୟୋଜନ କେବଳ ମନୋରଞ୍ଜନଧର୍ମୀ ମାନସିକତାରେ ସିମୀତ ହୋଇ ରହିଯାଉଛି। ଯାହାଫଳରେ ଆୟ କ୍ଷମତା ଠାରୁ ବ୍ୟୟ ଅଧିକ ହେଉଛି। ଅର୍ଥରାଶିକୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ବିଗତ ବର୍ଷମାନଙ୍କରେ ସେତିକି ଅର୍ଥରାଶିରେ ଲୋକ ମହୋତ୍ସବ ଆୟୋଜନ ହେବାର ଆମେ ଦେଖିଛୁ। ତେଣୁକରି ଆମ ଆୟ ଦେଖି ତଦନୁଯାୟୀ ବ୍ୟୟ କଲେ ଲୋକମହୋତ୍ସବ ଖୁବ ସୁନ୍ଦର ଭାବରେ ହେବ ବୋଲି ମୋର ଆଶା।

**ଦିଲୀପ ସିଂ ଦେଓ, ନୃତ୍ୟ ସଙ୍ଗୀତ ନିର୍ଦ୍ଦେଶକ**

# ଗାନ୍ଧୀ ଷ୍ଟାଡିୟମରେ ସିକେ ନାୟୁଡୁ କ୍ରିକେଟ୍ ଟ୍ରଫି ଉଦ୍‌ଘାଟିତ



**ବଲାଙ୍ଗିର, ୮।୧୧(ସମିସ):** ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ଟ୍ରଫି ପ୍ରତିଯୋଗୀତା ଓଡ଼ିଶା ଏବଂ କର୍ଣ୍ଣାଟକ ମଧ୍ୟରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗଦାନ କରି ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନ ସମାରୋହରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହଲ୍ଲାଦ ଶତପଥି, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ମହିଳା କ୍ରିକେଟର ମାଧୁରୀ ମେହେଟ୍ଟା ଓ ରୋଶନାରା ପରୱିନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।

## କଣ୍ଟାବାଞ୍ଜି ଏନ୍‌ଏସି ବିବାଦ ଘଟଣା

# ନଗରପାଳ ଓ କାଉନ୍‌ସିଲରଙ୍କ ଧାରଣା ସ୍ଥଗିତ

**କଣ୍ଟାବାଞ୍ଜି, ୮ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସିର ନଗରପାଳ ବରିୟାମ ସିଂ ସାଲୁଜା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକଙ୍କ ମଧ୍ୟରେ ଅନେକ ଦିନ ଧରି ଚାଲିଥିବା ଶୀତଳ ଯୁଦ୍ଧ ଗତ ୬ ତାରିଖ ବୁଧବାର ଉଗ୍ରରୂପ ନେଇଛି। ସେ ଦିନ ଠାରୁ କଣ୍ଟାବାଞ୍ଜି ଏନ୍‌ଏସି ବିବାଦ ଥମିବାର ନା ନେଉନାହିଁ। ବୁଧବାର ଦିନ ଠାରୁ ନଗରପାଳ ଓ କାଉନସିଲରମାନେ ଧାରଣା ଦେଇଥିବା ବେଳେ ଅଫିସରେ ସରକାରୀ କାର୍ଯ୍ୟ ବନ୍ଦ ରହିଥିବା ବେଳେ ଜନସାଧାରଣ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ପ୍ରଶାସନ ଆଲୋଚନା ପରେ ନଗରପାଳ ଓ କାଉନସିଲର ଧାରଣା ଓହରିଛନ୍ତି। ପ୍ରକାଶ ଥାଉ କି ଯେ ଗତ ୬ ତାରିଖ କେନ୍ଦ୍ର ନିତିଆୟୋଗ ପକ୍ଷରୁ କଣ୍ଟାବାଞ୍ଜି ସହରର ଶିବ ବନ୍ଧ ଠାରେ ଜଳ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା କିନ୍ତୁ ସେହି କାର୍ଯ୍ୟକ୍ରମରେ ଉପାଧକ୍ଷା ଓ କାଉନସିଲଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ନିମନ୍ତ୍ରଣ ନ କରିଥିବା ଅଭିଯୋଗ ହୋଇଥିଲା। ଜନପ୍ରତିନିଧିଙ୍କୁ ଅସମ୍ମାନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ଅଭିଯୋଗ ଆଣି ନଗରପାଳ ଓ କାଉନସିଲର ମାନେ ବୁଧବାର ଏନ୍‌ଏସି ଅଫିସ ମୁଖ୍ୟ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଗୁରୁବାର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକ ପୁଲିସ ଉପସ୍ଥିତରେ ତାଲା ଭାଙ୍ଗି ପ୍ରବେଶ କରିବାରୁ ବିରୋଧ କରିଥିଲେ ନଗରପାଳ ଓ କାଉନସିଲ ପୁଣି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଣି ଧାରଣ ଦେଇଥିଲେ ନଗରପାଳ ଓ କାଉନସିଲର ଶୁକ୍ରବାର ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କଣ୍ଟାବାଞ୍ଜି ତହସିଲଦା ଅଞ୍ଜଳି ମାଝି ଧାରଣସ୍ଥଳକୁ ଆସି ଆଲୋଚନା ପରେ ନଗରପାଳ ଓ କାଉନସିଲ ଧାରଣରୁ ଓହରିଛନ୍ତି। ଆପଣମାନଙ୍କର ଯେଉଁ ସବୁ ଅଭିଯୋଗ ରହିଛି ତାହା ଉପରସ୍ତ ଅଧିକାରୀଙ୍କୁ ଜଣାଇବି ବୋଲି ତହସିଲଦାର ଅଞ୍ଜଳି ମାଝୀ କହିଛନ୍ତି। ଆମ ଯାହା ଅଭିଯୋଗ ଥିଲା ଜଣାଇଛୁ ଆମକୁ ପ୍ରତିଶ୍ରୁତି ଦେଇଛନ୍ତି ଶୀଘ୍ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଦଳୀ କରି ନୂଆ ଅଧିକାରୀ ନିଯୁକ୍ତି କରିବେ ତାହା ଦ୍ୱାରା ସହର ବିକାଶ ହେବ ଯଦି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରି ଧାରଣା ଦେବୁ ବୋଲି ନଗରପାଳ ବରିୟାମ ସିଂ ସାଲୁଜ କହିଛନ୍ତି।



**ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ**

# ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



**ଖପ୍ରାଖୋଲ, ୮ ।୧୧(ସମିସ)** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବାଲ୍ ବିଜ୍ଞାନ ମେଳା ଅନଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାର ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ବିଡିଓ ବିବେକା ନନ୍ଦ ଷଡ଼ଙ୍ଗୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଇଓ ଶଙ୍କର ପ୍ରସାଦ ମାଝୀ, ଏବିଓ ରୁଦ୍ରଦେବ ଷଡଙ୍ଗୀ, ଉପମୁଖ୍ୟମନ୍ତ୍ରୀ ତଥା ବିଧାୟକ ବ୍ଲକ ପ୍ରତିନିଧି ପଦ୍ମ ସିଂ ବରିହା, ସମିତି ସଭ୍ୟ ଉପେନ୍ଦ୍ର ଭୋଇ, ବିଜ୍ଞାନ ମେଳାର ସଂଯୋଯୋକ ଇସପାଲ୍ ସୁନା, ବିଜ୍ଞାନ ସଂଯୋଜକ ଓମ ପ୍ରକାଶ ମେହେର, ଆବାହକ ଗୋପାଳ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମେଳାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ସମାଜ ଉପରେ ଏହାର ଆବଶ୍ୟକତା ବିଷୟରେ ବୁଝାଇ ଥିଲେ। ମୁଖ୍ୟ ଅତିଥି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ବାଲ୍‌ବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ ।ବିଜ୍ଞାନ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ କୁନିକୁନି ଛାତ୍ରଛାତ୍ରୀ ସମାଜ ଉପଯୋଗୀ ଉପକରଣ ଗୁଡିକ ପ୍ରସ୍ତୁତ କରି ପ୍ରଦର୍ଶନୀକୁ ଆଣିଥିଲେ। ପ୍ରଦର୍ଶନୀରେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଦର୍ଶନୀରେ ଯୋଗ ଦେଇଥିଲେ।

# ୧୪୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ




**କର୍ଲାମୁଣ୍ଡା, ୮ ।୧୧(ସମିସ):** କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ବିଆର ଆମ୍ବେଦକର ଉଚ୍ଚ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଯଶୋସ୍ୱିନୀ ଧରୁଆ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୁଧୀର ଭୋଇ ଯୋଗ ଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକର ୭୬ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟରୁ ୧୪୦ଟି ପ୍ରକଳ୍ପ ପଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟଲକ୍ଷ୍ମୀ ନାଗ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ମୁଖ୍ୟ ବକ୍ତା ଭାବେ ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ନବ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜ୍ଞାନ ସାଧନା କେନ୍ଦ୍ର ସଭାପତି ଲଳିତ ମୋହନ ସାହୁ, ସମ୍ପାଦକ ସଞ୍ଜୀବ ନାଗ, ଆୟୋଜକ କମିଟିର ସମ୍ପାଦକ ତଥା ବିଆର ଆମ୍ବେଦକର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣା, ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର, ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦୋରା, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୋହିତ ରଣା ପ୍ରମୁଖ ଯୋଗ ଦେଇ ଭାରତୀୟ ପରମ୍ପରା ବିଜ୍ଞାନ ଉପରେ ଆଧାରିତ ବୋଲି ମତ ପୋଷଣ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ନର୍ଲା ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୨୯ ରୁ ଖୋଲିବ ମଣ୍ଡି

**ଭବାନୀପାଟଣା, ୮ ।୧୧(ସମିସ):**



କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ଚାଷୀ ଏବଂ ମିଲର ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

୨୦୨୪ -୨୫ ବର୍ଷ ଖରିଫ ଫସଲ ପାଇଁ ଜିଲ୍ଲାରେ ୧୧୪୭୫୮ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବୈଠକରେ ପ୍ରକାଶ କରାଯାଇଥିଲା । ମୁଖ୍ୟତଃ ଗତ ବର୍ଷ ଖରିଫର କ୍ରୟ ଓ ଚଳିତ ବର୍ଷ ଖରିଫର ଲକ୍ଷ୍ୟ ଧାର୍ଯ୍ୟ, ଧାନର ସର୍ବନିମ୍ନ ମୂଲ୍ୟ, ବୋନସ, ମଣ୍ଡି ପରିଚାଳନା ଓ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ ବିଭିନ୍ନ ସଂସ୍ଥାର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ମଣ୍ଡି-ନୋଡାଲ ଅଫିସର, ମଣ୍ଡି-ତଦାରଖ ଅଫିସର ନିଯୁକ୍ତି ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ । ଏହି ଋତୁରେ ଡିଜିଟାଲ ଧାନ ବିଶ୍ଳେଷକ ବ୍ୟବହାର ନିମନ୍ତେ ୧୩୫ଜଣ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତ କରାଯିବା ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଚଳିତ ବର୍ଷ ୨୧୯ଟି ମଣ୍ଡି ସମେତ ୭ଟି ନୂଆମଣ୍ଡି ସ୍ଥାପନ ନିମନ୍ତେ ବୈଠକରେ ସହମତି ପ୍ରକାଶ ପାଇଥିଲା । ଧର୍ମଗଡ଼ ବିଧାୟକ ଚଳିତ ଖରିଫ ଋତୁରେ ଧାନର ବିକ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ସରକାର ଧାର୍ଯ୍ୟ କରିଥିବାରୁ ସମସ୍ତଙ୍କ ସହଯୋଗରେ ଧାନ କିଣା ପ୍ରକ୍ରିୟାକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ଗୁରୁତ୍ୱ ଆରୋପ କରିଥିଲେ । ବୈଠକରେ ଧାନ କ୍ରୟରେ ଭାଗ ନେଉଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରାଯାଇଥିଲା । ତେବେ ବିଭିନ୍ନ କାରଣରୁ ୭ଟି ଏସଏଚଜିକୁ ଧାନକ୍ରୟ ପ୍ରକ୍ରିୟାରୁ ବାଦ ଦିଆଯାଇଥିବାର ଜିଲ୍ଲାପାଳ ବୈଠକରେ ପ୍ରକାଶ କରିଥିଲେ । ଧାନ ସଂଗ୍ରହ ପ୍ରକ୍ରିୟା ନଭେମ୍ବର ୨୯ରୁ ଆରମ୍ଭ ହେ । ପର୍ଯ୍ୟାୟ କ୍ରମେ ଡିସେମ୍ବର ୪ ସୁଦ୍ଧା ଜିଲ୍ଲା ସମସ୍ତ ବ୍ଲକରେ ମଣ୍ଡି ଖୋଲିବା ପାଇଁ ବୈଠକରେ ସ୍ଥିର ହୋଇଛି ।

ସରକାରଙ୍କ ନିୟମ ଅନୁଯାୟୀ ଚାଷୀ ଯେପରି ନିଜର ଧାନ ବିକ୍ରି କରି ଠିକ୍ ସମୟରେ ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ ତୁଲାଇବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବାରେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ମିଲର୍ସମାନେ କେତେକ ଦାବି ଉପରେ ପୂର୍ବରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତାହା କାର୍ଯ୍ୟକାରୀ କରିବାରେ ବିଳମ୍ବ ଘଟୁଥିବା ଯୋଗୁଁ ମିଲର୍ସଙ୍କ ଭିତରେ ଅସନ୍ତୋଷ ଦେଖାଯାଇଥିଲା । ବିଧାୟକ ସାଗର ଦାସ ମଣ୍ଡିରେ ଅବ୍ୟବସ୍ଥା ଲାଗିରହୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ ।

# ଦେବଗିରି ସାମ୍ବାଦିକତା ଓ ବାର୍ତ୍ତା ସମ୍ମାନ ଘୋଷଣା




**ଭବାନୀପାଟଣା, ୮ ।୧୧(ସମିସ):** ଚଳିତ ବର୍ଷର ଦେବଗିରି ସାମ୍ବାଦିକତା ସମ୍ମାନ ପାଇବେ ଯୁବ ସାମ୍ବାଦିକ ସନ୍ତୋଷ ସିଂଦେଓ । ଏହାସହ ନର୍ଲାର ବରିଷ୍ଠ ସାମ୍ବାଦିକ ଦୀପକ ଠାକୁର, ତ୍ରିଲୋଚନ ଗଉଡ ଓ ବିରଞ୍ଚି କରୁଆଁ, ଧର୍ମଗଡ଼ର ସାମ୍ବାଦିକ ବାଳକୃଷ୍ଣ ନାଏକ, ଲାଞ୍ଜିଗଡ଼ର ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ଏବଂ କୋକସରାର ସାମ୍ବାଦିକ ହିରଣ୍ୟ ବେହେରାଙ୍କୁ ଦେବଗିରି ବାର୍ତ୍ତା ସମ୍ମାନରେ ସମ୍ମାନିତ କରାଯିବ । ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଆୟୋଜିତ ଗୋସିଙ୍ଗ ଦୈତ୍ୟ ଦରବାରରେ ଏହି ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯିବ । ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀ ଓ ସାଧାରଣ ସମ୍ପାଦକ ସୁନୀଲ ଧଙ୍ଗଡ଼ାମାଝୀ ଏହି ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଜୟପାଟଣା, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ମୁଖୀଗୁଡା ଫାଣ୍ଡି ନିକଟରେ ଶୁକ୍ରବାର ଅପରାହ୍ନ ୪ଟା ବେଳେ ଦୁର୍ଘଟଣା ଘଟିଛି । ଏକ ଧାନ ବୋଝେଇ ଗାଡ଼ି (ଓଆର ୦୮ ଇ ୭୦୦୯) ଓ ବାଇକ୍ (ଓଡ଼ି ୦୮ ଇ ୪୪୧୬) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପାଇକେନ୍ଦୁମୁଣ୍ଡି ପଞ୍ଚାୟତ କନକପୁର ଗାଁର ମୁକୁନ୍ଦ ମାଝୀ । ଧାନ ବୋଝେଇ ୪୦୭ଟି ମୁଖୀଗୁଡାରୁ ଜୟପାଟଣା ଅଭିମୁଖେ ଆସୁଥିଲା । ସେହିଭଳି ବାଇକ୍ ଚଳକ ଜଣକ ଜୟପାଟଣାରୁ ମୁଖୀଗୁଡା ଯାଉଥିଲେ । ଦୁର୍ଭାଗ୍ୟକୁ ଫାଣ୍ଡି ନିକଟରେ ଦୁର୍ଘଟଣା ଘଟିଥିଲା । ସୂଚନା ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶନିବାର ଶବ ବ୍ୟବଚ୍ଛେଦ ହେବ ।

# ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା



**ମ.ରାମପୁର, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ବିହାରୀ ସମ୍ପ୍ରଦାୟର ଛଟ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଛି । ଏହି ସମ୍ପ୍ରଦାୟର ସମସ୍ତ ବ୍ୟକ୍ତି ନିକଟସ୍ଥ ହରିହର ସାଗରରେ ଛଟ ପୂଜା ପାଳନ କରିଥିଲେ । ସମସ୍ତ ପୂଜା ପରିଚାଳନାରେ ଜୟରାମ ସାହୁ, ସୁନୀଲ ସାହୁ, ଆଶୋକ ସାହୁ, ବିନୋଦ ସାହୁ, ଛୋଟେଲାଲ ପାଣ୍ଡେ, ଘନଶ୍ୟାମ ପାଣ୍ଡେ, ମନୋଜ ସାହୁ, ସଞ୍ଜୟ ସାହୁ, ଜୟ ପ୍ରକାଶ ଗୁପ୍ତା, ଜୟ ମଙ୍ଗଳ ସାହୁ ସହଯୋଗ କରିଥିଲେ ।

## କ୍ଷୁଦ୍ର କୋଶଳୀ ସିନେମା ‘ଆମେ ବିଶ୍ୱର ଏକ ପରିବାର’ ଲୋକାର୍ପିତ



**ସିନାପାଲି, ୮।୧୧(ସମିସ):** କୋଶଳୀ କ୍ଷୁଦ୍ର ନାଟକ ‘ଆମେ ବିଶ୍ୱର ଏକ ପରିବାର’ର ସିନେମାକରଣ ପରେ ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଛି । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଲିଖିତ, ଅଭିନିତ ଓ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ସିନେମାରେ ନରହରି ମେହେର, ଭଗବାନ ଚଲାନ, କିଶୋର ସେଠୀ, ହିମାଦ୍ରୀ ମାଝୀ, ରଶ୍ମିତା ଜଗତ, ବିଘ୍ନେଶ୍ୱର ମେହେର, ପରମାନନ୍ଦ ମେହେର, ଭୀଷ୍ମରାଜ ମେହେର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ବେଳେ ବିଶ୍ୱନାଥ ମେହେର ଓ ରୂପଧର ପ୍ରଧାନ ସହଯୋଗ କରିଛନ୍ତି । ଲୋକାର୍ପିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନାଗରିକ କମିଟି ଅଧ୍ୟକ୍ଷ ଡମ୍ବରୁଧର ମେହେର, ରବୀନ୍ଦ୍ର ବାବା, ବରିଷ୍ଠ କଳାକାର ନରହରି ମେହେର, ଲିଙ୍ଗରାଜ ମେହେର, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ମେଘନାଦ ମେହେର, ଯୁବକବି ବୈଷ୍ଣବ ମେହେର, ସମାଜସେବୀ ବୁଦ୍ଧଦେବ ମେହେର ଯୋଗଦେଇଥିଲେ । ରୂପେଶ ଚନ୍ଦ୍ର ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ । କୁସଂସ୍କାର ଦୂରୀକରଣ ସହ ପରିବାର ଓ ଗାଁରେ ଏକତା ବଜାୟ ରଖିବା ନାଟକର ମୁଖ୍ୟ ବାର୍ତ୍ତା ହୋଇଥିବାରୁ ଏହା ସମାଜ ପାଇଁ ବେଶ ଉପଯୋଗୀ ହେବା ସହ ନାଟକର ସିନେମାକରଣ ଆଗାମୀ ଦିନରେ ସ୍ଥାନୀୟ କଳା ଓ କଳାକାରଙ୍କୁ ଉତ୍ସାହିତ କରିବ ବୋଲି ଏ ଅବସରରେ ମତପ୍ରକାଶ ପାଇଥିଲା । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଏ ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ‘କେବଳ ଶିକ୍ଷା ହିଁ ସମାଜକୁ ଅଗ୍ରଗତି କରାଇପାରିବ’



**ଧର୍ମଗଡ଼, ୮ ।୧୧(ସମିସ):** ଶିକ୍ଷା ହେଉଛି ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହା ବ୍ୟକ୍ତିଗତ, ସାମାଜିକ ଏବଂ ରାଷ୍ଟ୍ରର ବିକାଶ ପାଇଁ ଜରୁରୀ । ଶିକ୍ଷା କେବଳ ଜ୍ଞାନର ଉତ୍ସ ନୁହେଁ । ଏହା ବ୍ୟକ୍ତିର ଜୀବନକୁ ମଧ୍ୟ ଦିଶା ଦେଖେଇଥାଏ । କେବଳ ଶିକ୍ଷା ମାଧ୍ୟମରେ ସମାଜକୁ ଅଗ୍ରଗତି କରାଇ ହେବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଶିକ୍ଷାର ଅଧିକାର ପାଇବା ଉଚିତ । ଏହା ଦ୍ୱାରା ସେମାନେ ନିଜ ତଥା ସମାଜର ଭବିଷ୍ୟତକୁ ଉନ୍ନତ କରିପାରିବେ । ସହସ୍ରବାହୁ ଅର୍ଜୁନ ଜୟନ୍ତୀ ଅବସରରେ ଏହି ମତ ପ୍ରକାଶ ପାଇଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ କଲାର ସମାଜ ବେହେରା ପକ୍ଷରୁ କଲାର ସମାଜର ଇଷ୍ଟଦେବ ସହସ୍ରବାହୁ ଅର୍ଜୁନଙ୍କ ଜୟନ୍ତୀ ପାଳିତ ହେଇଯାଇଛି । ଗ୍ରାମର ବରିଷ୍ଠ ସଦସ୍ୟ ସୋମନାଥ ବିଶିଙ୍କ ତତ୍ତ୍ୱାବଧାନରେ ଧନୁର୍ଜୟ ବିଶି, କେଶବ ବିଶି, ଅଭିରାମ ବିଶି, ରବି ବିଶି, ନିଳାମ୍ବର ନାଏକ, ମାଧବ ବିଶି, ଫକିର ବିଶି, ପିକ ବିଶି, ପ୍ରଶାନ୍ତ ବିଶି, କୁଳମଣି ବିଶି, କୁଶ ବିଶି, ମନଧର ବିଶି, କେଦାର ବିଶି ପ୍ରମୁଖ ସହଯୋଗ କରିଥିଲେ ।

# ଆଜିଠୁ ୨ ଦିନିଆ ଡାକ ଟିକଟ ପ୍ରଦର୍ଶନୀ

**ଭବାନୀପାଟଣା, ୮ ।୧୧(ସମିସ):** ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଗୃହରେ ଭାରତୀୟ ଡାକ ବିଭାଗ କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଦ୍ୱିତୀୟ ଫିଲାଟେଲି ଏକଜିଭିସନ୍ ବା ଡାକଟିକଟ ପ୍ରଦର୍ଶନୀ କଳାହାଣ୍ଡି-ପେକ୍ସ ୨୦୨୪ ଅନୁଷ୍ଠିତ ହେବ । ଭବାନୀପାଟଣା ମୁଖ୍ୟ ଡାକଘର ପ୍ରଶିକ୍ଷଣ କେନ୍ଦ୍ରରେ ଏଥିପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳାହାଣ୍ଡି ଡାକମଣ୍ଡଳର ଡାକ ଅଧିକ୍ଷକ ସୁଶାନ୍ତ ପାଣିଗ୍ରାହୀ ଭାରତୀୟ ଡାକବିଭାଗ କଳାହାଣ୍ଡିରେ କଳାହାଣ୍ଡି-ପେକ୍ସ ପ୍ରଦର୍ଶନୀରେ ଆୟୋଜନ କରାଯାଉଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟସୂଚୀ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରାଇଥିଲେ । ୯ ତାରିଖ ଦିବା ୯ଟାରେ ଭବାନୀପାଟଣା ମୁଖ୍ୟ ଡାକଘରଠାରୁ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜନ କରାଯିବ । ଏହି ଡାକଟିକେଟ ପ୍ରଦର୍ଶନୀ ସହ ସହରର ପ୍ରମୁଖ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରାଙ୍କନ ଏବଂ ପତ୍ରଲିଖନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ । ପ୍ରଦର୍ଶନୀରେ ୧୦୦ରୁ ଅଧିକ ଫ୍ରେମ୍‌ରେ ଦେଶ ବିଦେଶର ଅନେକ ବିରଳ ଡାକ ଟିକଟ ଏବଂ ଡାକ ଉପକରଣ ଜିଲ୍ଲା ତଥା ରାଜ୍ୟର ସଂଗ୍ରାହକଙ୍କ ଦ୍ୱାରା ପ୍ରଦର୍ଶିତ କରାଯିବ । ୯ ତାରିଖ ଅପରାହ୍ନରେ ଏକ ସାଂସ୍କୃତିକ ସନ୍ଧ୍ୟା ମଧ୍ୟ ଅନୁଷ୍ଠିତ ହେବ । ୧୦ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।



# ଭାରତ ସ୍କାଉଟ୍‌ସ ପ୍ରତିଷ୍ଠା ଦିବସ




**ଭବାନୀପାଟଣା, ୮ ।୧୧(ସମିସ):** ସ୍ଥାନୀୟ ସ୍କାଉଟ୍ ଭବନରେ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡସ୍‌ମାନଙ୍କ ଦ୍ୱାରା ଭାରତ ସ୍କାଉଟସ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପତାକା ଉତ୍ତୋଳନ କରିସାରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ ଜିଲ୍ଲା ଟ୍ରେନିଂ କମିସନର୍ ଧୀରେନ୍ଦ୍ର ପଣ୍ଡା ପ୍ରତିଷ୍ଠା ଦିବସର ମହତ୍ତ୍ୱ ବିଷୟରେ ପ୍ରତିପାଦନ କରିଥିବା ବେଳେ ସମ୍ପାଦକ ରୁପଚାନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ସଭାପତି ଶାନ୍ତନୁ ବେହେରା କଳାହାଣ୍ଡିର ସ୍କାଉଟସ୍ ଓ ଗାଇଡସ୍ କିପରି ଜିଲ୍ଲା ପାଇଁ ସୁନାମ ଅର୍ଜନ କରିବ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଜିଲ୍ଲା ଯୁଗ୍ମ ସମ୍ପାଦକ ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷ ହେବାପରେ ସ୍କାଉଟସ୍ ଓ ଗାଇଡସ୍ ଲୋକମାନଙ୍କୁ ସ୍କାଉଟ୍‌ର ବାର୍ତ୍ତା ଦେଇ ଟୋକନ୍ ଫ୍ଲାଗ୍ ପିନ୍ଧାଇଥିଲେ । ପୂର୍ବତନ ସ୍କାଉଟ୍ କମିସନର୍ ସୁନିଲ ବେହେରା, ଜିଲ୍ଲା ଅର୍ଗାନାଇଜିଂ କମିସନର୍ ମନୋରଞ୍ଜନ ସାହୁ ଏବଂ ବିଭିନ୍ନ ବିଦ୍ୟାଳୟରୁ ସ୍କାଉଟ୍ ଗାଇଡ, ସ୍କାଉଟ୍ ମାଷ୍ଟର୍ ଓ ଗାଇଡ୍ କ୍ୟାପ୍ଟେନ୍ ଯୋଗ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



**ନୂଆପଡ଼ା, ୮।୧୧(ସମିସ):** ନୂଆପଡ଼ା ବ୍ଲକ ଅଧୀନ ଧନୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସେତୁରାମ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମଶାନକୁଣ୍ଡା କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ମନୋଜ ବରିହା ଉଦଘାଟନ କରିଥିଲେ । ଜୀବନରେ ବିଜ୍ଞାନର ଗୁରୁତ୍ୱ ତଥା ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବା ପାଇଁ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ଦୟାରାମ ଶବର, କୁଲିଆବନ୍ଧା ପ୍ରଧାନଶିକ୍ଷକ ସମୀର କୁମାର ବେହେରା, ୱାର୍ଡ ମେମ୍ବର ରୁକମନ୍ ସାହୁ ଯୋଗ ଦେଇଥିବାବେଳେ ବିଚାରକ ଭାବରେ ମଶାନକୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଲାଲେଶ୍ୱର ନାଏକ, କୁଲିଆବନ୍ଧା ହାଇସ୍କୁଲ ଶିକ୍ଷୟିତ୍ରୀ ଶିଳ୍ପା ତରାଇ ଏବଂ ରଶ୍ମିରେଖା ନାୟକ ଦାୟିତ୍ୱ ତୁଲାଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଦୁଃଖୀଶ୍ୟାମ ନାଏକ, ସାଧେଦାସ ପନିକା, ଭୋକ୍ ସିଂ ମାଝୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବ୍ୟାସଦେବ ସାହୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ସେହିଭଳି ସ୍ଥାନୀୟ ଭାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍କର ମାଝୀ ସଭାପତିତ୍ୱ କରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉତ୍କଳ ମଣି ଅଗସ୍ତି, ବିଶେଷ ଅତିଥି ଭାବେ ଭୋଳାନାଥ ଚନ୍ଦ୍ରକାର, ରାମନାଥ ଧରୁଆ, ବିଦ୍ୟାଧର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମୋଟ ୬୦ଟି ପ୍ରକଳ୍ପ ନେଇ ଆସିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ହିମାଞ୍ଜଳି ଯାଦବ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଉପରେ ଉପସ୍ଥାପନ କରିଥିଲେ । ଶିକ୍ଷକ ଗଜେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ତରଫରୁ ରାଜ୍ୟସ୍ତରୀୟ କବାଡି ଟିମରେ ଖିଲେଶ ମାଝୀ ଚୟନୀତ ହୋଇଥିବାରୁ ଅତିଥିମାନେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ଉଦ୍ୟମ ଓ ଛାତ୍ରଙ୍କ ଅଧ୍ୟବସାୟ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ମତପ୍ରକାଶ କରିଥିଲେ ।

TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ନୋଟିସ୍ : ଟିପିସିଓଡିଏଲରେ ଆଇଟି ସିଷ୍ଟମ ଉନ୍ନତୀକରଣ**

କାର୍ଯ୍ୟଦକ୍ଷତା ଓ ସେବାର ଭରସାଯୋଗ୍ୟତା ବୃଦ୍ଧି ପାଇଁ ଜାରି ରହିଥିବା ଆମର ନିରନ୍ତର ଉଦ୍ୟମ କ୍ରମେ ଟିପିସିଓଡିଏଲ ଆସନ୍ତା ୧୦ ନଭେମ୍ବର ୨୦୨୪ ଠାରୁ ନିଜର ଆଇଟି ସିଷ୍ଟମର ଉନ୍ନତୀକରଣ କରିବ ।

ଏହି ଉନ୍ନତୀକରଣ ସମୟରେ ଆମର ବିଭିନ୍ନ ଉପଭୋକ୍ତା ସେବା ଯେପରିକି କଲ୍ ସେଣ୍ଟର, ଅନଲାଇନ ଦେୟସଂଗ୍ରହ, କାଉଣ୍ଟର ଦେୟସଂଗ୍ରହ, ନୂଆ ସଂଯୋଗ ଆବେଦନ, ୱେବସାଇଟ୍ ଓ ମିତ୍ର ଆପ୍ ଆଦିରେ ସାମୟିକ ଧୀମାବସ୍ଥା ବା ବିଳମ୍ବିତ ଉତ୍ତର ଦେଖାଯାଇପାରେ । ଏସବୁ ବ୍ୟାଘାତକୁ ଯଥାସମ୍ଭବ କମ କରିବାକୁ ଆମେ ଉଦ୍ୟମ କରୁଛୁ ଓ ୧୬ ନଭେମ୍ବର ୨୦୨୪ ସୁଦ୍ଧା ସଂପୂର୍ଣ୍ଣ ସେବା ପର୍ଯ୍ୟାୟକ୍ରମେ ସ୍ୱାଭାବିକ ହୋଇଯିବ ।

ଆମେ ଆପଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ କାମନା କରୁଛୁ କାରଣ ଆମେ ଅଧିକ ଭରସାଯୋଗ୍ୟ ସେବା ଅନୁଭୂତି ପାଇଁ ଆମର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ ।

# ମରୁଡ଼ି ଘୋଷଣା ଦାବିରେ ଚାଷୀଙ୍କ ଆନ୍ଦୋଳନ

**କୋକସରା, ୮ ।୧୧(ସମିସ):**



କୋକସରା କୃଷକ ସଚେତନ ମଞ୍ଚ ଶୁକ୍ରବାର ବ୍ଲକର ୨୨ଟି ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା ଦାବିରେ ତହସିଲ କାର୍ଯ୍ୟାଳୟ ଘେରଉ କରିଛି। କୃଷକ ସଚେତନ ମଞ୍ଚର ସଭାପତି ଚାଷୀନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳର ଚାଷୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ଏହାପରେ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ବ୍ଲକର ୨୨ଟି ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା ସହ ଜଳକର ଓ ଖଜଣା ସମ୍ପୂର୍ଣ୍ଣ ଛାଡ଼ କରିବା, ସମସ୍ତ କୃଷି ଋଣ ଛାଡ଼, କୃଷି ଋଣକୁ ୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଦ୍ଧରେ ଯୋଗାଇ ଦେବା, ସମସ୍ତ ଚାଷୀଙ୍କୁ ଶସ୍ୟ ବିମା ପ୍ରଦାନ, ଗତବର୍ଷ କିଛି ପଞ୍ଚାୟତକୁ ଶସ୍ୟ ବିମା ପ୍ରଦାନ କରାଯାଇଥିବାବେଳେ ଅନେକ ଚାଷୀ ଆଜି ପର୍ଯ୍ୟନ୍ତ ଟଙ୍କା ପାଇ ନ ଥିବା, କ୍ଷୁଦ୍ର ଜଳ ସେଚନ ସିଉନୀ ଓ ବେହେରା ଡ୍ୟାମ୍‌ର ପୁନଃଉର୍ଦ୍ଧାର, ମେଗା ଲିଫ୍ଟ ପଏଣ୍ଟଗୁଡ଼ିକ ଉପଯୁକ୍ତ ସ୍ଥାନରେ ସ୍ଥାନିତ ହୋଇ ନ ଥିବାରୁ ଠିକ୍ ଭାବରେ ଚାଷୀ ଜଳସେଚନ କରି ନ ପାରିବା, ମେଗା ଲିଫ୍ଟ ମୁଖ୍ୟ କେନାଲରେ ସ୍ୱତନ୍ତ୍ର ଭାବେ ପଏଣ୍ଟ ଗୁଡ଼ିକ କରାଯିବା ଭଳି ୨୪ଟି ପ୍ରମୁଖ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କୃଷି ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ କୋକସରା ବ୍ଲକରେ ୩୬ ହଜାର ୭୨୧ ହେକ୍ଟର ଜମିରେ ଧାନ ସହ ବିଭିନ୍ନ ଚାଷ କରାଯିବାର ଲକ୍ଷ୍ୟ ରହିଛି। ତେବେ ସେଥିମଧ୍ୟରୁ ୧୮ ହଜାର ୪୫ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ଜଳସେଚିତ ଅଞ୍ଚଳ ୧୨ ହଜାର ୬୧୮ ହେକ୍ଟର ଓ ଅଣ ଜଳସେଚିତ ଅଞ୍ଚଳ ୫ ହଜାର ୪୧୨ ହେକ୍ଟର ରହିଛି। କୃଷି ବିଭାଗ ଚଳିତ ବର୍ଷ ୯୩ ହଜାର ୮୩୪ ମେଟ୍ରିକ୍ ଟନ୍ ଧାନ ଉତ୍ପାଦର ଲକ୍ଷ୍ୟ ରଖିଛି। ଏଣେ ଜଳ ସେଚନ ଅଞ୍ଚଳରେ ରୋଗପୋକ ଓ ଅଣ ଜଳସେଚିତ ଅଞ୍ଚଳରେ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ତେଣୁ କୃଷି ବିଭାଗ ତା' ଲକ୍ଷ୍ୟ ପୂରଣ କରିବା ଆଶଙ୍କା ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ସଭାପତି ସମେତ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ନୀଳକଣ୍ଠ ପୁଝାରୀ, ପଙ୍କଜମୁଖି ଚୌଧୁରୀ, ପଞ୍ଚକ ପୋଢ଼, ନୀଳକଣ୍ଠ ମାଝୀ, ରବି ଦାସ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ପ୍ରଧାନୀ ବାଗ, ଚିନ୍ତାମଣି ପଟେଲ, ହରେକୃଷ୍ଣ ନାଏକ, ସମିତି ସଭ୍ୟ ଘନଶ୍ୟାମ ନାଏକ, ମାର୍କଣ୍ଡ ବେମାଲ, ଜୟଲାଲ ନାଏକ, ନାରାୟଣ ପଟ୍ଟନାୟକ, ମୁକ୍ତେଶ୍ୱର ନାଏକ, କ୍ଷୀରସିନ୍ଧୁ ବୋଡ଼କିଆ, ହରିଶ୍ଚନ୍ଦ୍ର ନାଏକ, ତିଲୋତ୍ତମା ନାଏକ, କେଶବ ଚନ୍ଦ୍ର ନାଏକ, ଧର୍ମାନନ୍ଦ ନାଏକ, ଦିଶାନ୍ତ ବେଶ୍ରା, ଅରବିନ୍ଦ ପଟ୍ଟନାୟକ, ରାଜ କିଶୋର ସାହୁଙ୍କ ସମେତ ୨୨ଟି ପଞ୍ଚାୟତରୁ ଚାଷୀ ସାମିଲ ହୋଇଥିଲେ।

## ଗଞ୍ଜେଇ ପାଇଁ ବିବାଦରେ ଅବକାରୀ ବିଭାଗ

**ଶଗଡ଼ା, ୮ ।୧୧(ସମିସ):** କନ୍ଧମାଳ ବ୍ଲକ ପଲସାଗୋରା ହାଇସ୍କୁଲ ଛକ ନିକଟରୁ ଜବତ ଗଞ୍ଜେଇକୁ ନେଇ ଏବେ ବିବାଦରେ ଅବକାରୀ ବିଭାଗ। ଜବତ ଗଞ୍ଜେଇକୁ ଅବକାରୀ ଅଧିକାରୀ ଗ୍ରାହକଙ୍କୁ ଦେଇଦେଇଥିବା ଜଣା ପଡ଼ିଛି। ତେବେ ବେପାରୀ କିନ୍ତୁ ଅବକାରୀ ବିଭାଗକୁ ଟଙ୍କା ଗଣିଛନ୍ତି। ପଲସାଗୋରା ହାଇସ୍କୁଲ ଛକ ନିକଟ ଏକ ଦୋକାନ ପାଖରେ ଗଞ୍ଜେଇ ଡିଲ୍ ଚାଲୁଥିଲା। ଖବର ପାଇ କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସହ ପଲସାଗୋରା ବି ହାଉସର ସିପାହୀ ମନୋରଞ୍ଜନ ଧରୁଆ ପହଞ୍ଚିଥିଲେ। ପିପିଲିପାଲୀ ଗ୍ରାମର ଜଣେ ଗଞ୍ଜେଇ ବେପାରୀ ଆଣିଥିବା ୧୫କେଜି ଗଞ୍ଜେଇକୁ ଘୁଲଘୁଲାପଦର ଗ୍ରାମର ଜଣେ ଗ୍ରାହକ କିଣୁଥିବା ସମୟରେ ଛକି ରହିଥିବା ଏହି ଦୁଇ ଅଧିକାରୀ ଧରିଥିଲେ। ଏହାପରେ ଦୁଇ ଅଧିକାରୀ ଘୁଲଘୁଲାପଦର ଗ୍ରାମର ସମ୍ପୃକ୍ତ ଗ୍ରାହକଙ୍କୁ ୧୫କେଜି ଗଞ୍ଜେଇ ଦେଇ ପିପିଲିପାଲି ଗ୍ରାମର ବେପାରୀକୁ ଗିରଫ କରିବାକୁ ଭୟ ଦେଖାଇଥିଲେ। ଏଭଳିକି ତାଙ୍କଠାରୁ ୧ଲକ୍ଷ ଟଙ୍କା ନେଇଥିବା ଆଲୋଚନା ହେଉଛି। ଏହି ଘଟଣାକୁ ଦେଖି ପାଖରେ ଥିବା ସୁଶାନ୍ତ ମିଶ୍ର ସେମାନଙ୍କୁ କାହିଁକି ଛାଡ଼ି ଦେଉଛନ୍ତି ବୋଲି କହିଥିଲେ। ବେପାରୀଙ୍କ ନାମରେ କେସ୍ ହେବ ବୋଲି ଅଧିକାରୀ ଜଣକ କହିବାରୁ ଶ୍ରୀ ମିଶ୍ର ସେଠାରୁ ଚାଲି ଯାଇଥିଲେ; କିନ୍ତୁ ପରବର୍ତ୍ତୀ ସମୟରେ ମାମଲା ରୁଜୁ ନ ହୋଇ ମାମଲା ରଫା ଦଫା ହୋଇଯାଇଥିଲା। ତେବେ ଏ ସମ୍ପର୍କରେ ଅବକାରୀ ଅଧିକାରୀ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେଠାରେ ୨କେଜି ଗଞ୍ଜେଇ ଥିଲା। ଗୋଟିଏ ଗଞ୍ଜେଇ କେସ୍ କଲେ ୬ରୁ ୭ ହଜାର ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ସେହି ଗଞ୍ଜେଇକୁ ଜବତ ନ କରି ପାଖ ଦୋକାନୀକୁ ପୋଡ଼ି ଦେବାକୁ କହି ଚାଲି ଆସିଲେ ବୋଲି କହିଛନ୍ତି। ତେବେ ଗଞ୍ଜେଇ କାହିଁକି ଜବତ କଲେ ନାହିଁ ଏବଂ ଦୋକାନୀକୁ ପୋଡ଼ି ଦେବା ପାଇଁ କାହିଁକି କହିଲେ ତାକୁ ନେଇ ସନ୍ଦେହ ଉପୁଜିଛି। ସତରେ କ'ଣ ସେହି ଗଞ୍ଜେଇ ପୋଡ଼ା ଯାଇଛି ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରୁଛି।

## ଫରେଷ୍ଟରଙ୍କୁ ୨୫ ଦିନ ହେଲା ଦାୟିତ୍ୱ ଦିଆଯାଉନି

**ଶଗଡ଼ା, ୮ ।୧୧(ସମିସ):** କନ୍ଧମାଳ ବନ ବିଭାଗ ଅଧୀନ ବରପଦର ସେକ୍ସସନରେ ବରୁଣ ମୁଖି ଫରେଷ୍ଟର ଭାବେ ଯୋଗ ଦେଇଛନ୍ତି। ତେବେ ୨୪ ଦିନ ହେଲା ତାଙ୍କୁ ଦାୟିତ୍ୱ ଦିଆଯାଉନି। ଏଣୁ ସେ କାର୍ଯ୍ୟରେ ଯୋଗ ଦେଇ ପାରୁ ନାହାନ୍ତି। ଏଠାରେ ଥିବା ବୁଲି ବେହେରା କିଛି ଦିନ ତଳେ ଆସ୍କା ବଦଳି ହୋଇଛନ୍ତି। ତାଙ୍କ ସ୍ଥାନରେ ବରୁଣ ଯୋଗ ଦେଇଥିଲେ।

## ଅଁଲାଭଟାରେ ଆଞ୍ଚଳିକ କଳାର ସମାଜର ସହସ୍ରାର୍ଜୁନ ଜୟନ୍ତୀ

**ଜୟପାଟଣା, ୮ ।୧୧(ସମିସ):** ଜୟପାଟଣା ବ୍ଲକ ଅଁଲାଭଟାରେ ଆଞ୍ଚଳିକ କଲାର ସମାଜ ପକ୍ଷରୁ ସହସ୍ରାର୍ଜୁନ ଜୟନ୍ତୀ ଶୁକ୍ରବାର ପାଳିତ ହୋଇ ଯାଇଛି। କଲଚୁରୀ କଲାର ସମାଜର ଇଷ୍ଟଦେବ ଶ୍ରୀ ସହସ୍ରାର୍ଜୁନଙ୍କ ଜୟନ୍ତୀ କାର୍ତ୍ତିକ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପ୍ରତି ବର୍ଷ ପାଳିତ ହୋଇଥାଏ। ବିଗତ ୮ ବର୍ଷ ଧରି କଳାହାଣ୍ଡି ଜିଲ୍ଲା କଲାର ସମାଜ ପକ୍ଷରୁ ଜୟନ୍ତୀ ପାଳିତ ହୋଇ ଆସୁଥିବାବେଳେ ଏ ବର୍ଷ ମଧ୍ୟ ଜୟପାଟଣା ଆଞ୍ଚଳିକ କଲାର ସମାଜ ଅଲାଭଁଟାରେ ଆଡମ୍ବର ସହ ପାଳନ ହୋଇଛି। ଏହି ଅବସରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ସମାଜର ବିକାଶ ଓ ଶିକ୍ଷା, ସଂସ୍କାର ଉପରେ ଆଲୋଚନା ହୋଇଥିଲା। ଏହି ସଭାରେ ଜିଲ୍ଲାଯୁବ କଲାରସମାଜ ସଭାପତି ଚୁଡାମଣି ନାଏକ ସଭାପତିତ୍ୱ କରିଥିଲେ। ଜୟପାଟଣା ଆଞ୍ଚଳିକ ସଭାପତି ଦିଲୀପ ନାଏକ, ବିରଞ୍ଚନ ନାୟକ, ଭାରତ ବିଶି, କେତନ ଧଙ୍ଗଡ଼ାମାଝୀ, ଶ୍ୟାମ ବିଶି, ଇନ୍ଦ୍ର ଧଙ୍ଗଡ଼ାମାଝୀ, ଲକ୍ଷ୍ମଣ ଧଙ୍ଗଡ଼ାମାଝୀ, ନୀଳମଣି ନାଏକ, ମାନୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସେମ୍ବର ୧୫ରୁ ଗଡ଼ଜାତ ମହୋତ୍ସବ

**ବୌଦ୍ଧ, ୮ ।୧୧(ସମିସ):** ଡିସେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଅଷ୍ଟମ ଗଡ଼ଜାତ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ବୀରନରସିଂହପୁର ବନବିହାରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟ କିଶୋର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୧୫ ତାରିଖ ଅପରାହ୍ନ ୩ଟାରେ ମଶାଲ ଶୋଭାଯାତ୍ରା ବାହାରିବ। ବିରାମଚନ୍ଦ୍ରପୁର ସୁବର୍ଣ୍ଣେଶ୍ୱର ଶିବମନ୍ଦିରରୁ ଏହି ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିବ। ଏହି ଶୋଭାଯାତ୍ରାକୁ ସମସ୍ତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ବିରାମଚନ୍ଦ୍ରପୁର ଗ୍ରାମ ସଭାପତି ବୁଦ୍ଧି ସାଗର ମିଶ୍ର ପ୍ରକାଶ କରିଥିଲେ। ସେହିପରି ମଞ୍ଚ ସାଜସଜ୍ଜା, ମିନା ବଜାର, ଖାଦ୍ୟଷ୍ଟଲ, ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଡ୍ରାଇଭର ମହାସଂଘକୁ ଦାୟିତ୍ୱ ଦିଆଯାଇଥିଲା। ମହୋତ୍ସବର ବରିଷ୍ଠ ସଦସ୍ୟ ଜୟକିଶୋର ମିଶ୍ର, ବସନ୍ତ ପ୍ରଧାନ, ରଘୁନାଥ ଷଡ଼ଙ୍ଗୀ, ବିଜୟ ସାହୁ, ନରେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ଦୁଃଖୀଶ୍ୟାମ ଗାଇଗୌରିଆ, ସୁଜ୍ଞାନ ପ୍ରଧାନ, ଶଙ୍କର ଦଣ୍ଡସେନା, ସୁଶାନ୍ତ ପାତ୍ର, ଅରୁଣ ମେଣ୍ଡିଲି, ବାଞ୍ଛାନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଇଲବେର୍ଣ୍ଣାରେ ସତ୍ୟ ମହିମା ବ୍ରହ୍ମଯଜ୍ଞ



**ଲଛିପୁର, ୮।୧୧(ସମିସ):** ସୋନପୁର ବ୍ଲକ ଗଇଲବେର୍ଣ୍ଣା ଗ୍ରାମର ମହିମା ଆଶ୍ରମରେ ସତ୍ୟ ମହିମା ବ୍ରହ୍ମଯଜ୍ଞ ଖୁବ୍ ଧୁମଧାମ ସହ ପାଳିତ ହୋଇଛି। ଯଜ୍ଞରେ ମଠର ବାବାମାନେ ଜଗତ ଭଗତ ସଂସାରର ମଙ୍ଗଳ ନିମନ୍ତେ ଝାଡ଼ବତୀ ଟେକି ପ୍ରାର୍ଥନା କରିଥିଲେ। ଏହି ଉପଲକ୍ଷେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଯହିଁରେ ମଠର ସଭାପତି ଭକ୍ତ ଗୋବିନ୍ଦ ନନ୍ଦ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଠର ସମ୍ପାଦକ ଦୁର୍ଗା କଲତା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟର ସଭାପତି ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତା ଓ ସ୍ତୁତି ଚିନ୍ତାମଣିରେ ଆଧ୍ୟାମିକ ବୈଜ୍ଞାନିକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ପ୍ରମିଳା କଲତା ମୁଖ୍ୟଅତିଥି ଭାବେ ଯୋଗଦେଇ ମଠର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରାଧ୍ୟାପିକା ମୀନା ମହାରଣା ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ସତ୍ୟ ମହିମା ଧର୍ମ ସମ୍ବନ୍ଧେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିମୁଣ୍ଡା ସରପଞ୍ଚ ପ୍ରତିନିଧି ଗଜପତି ସୁନା, କୃଷ୍ଣଚନ୍ଦ୍ର ନନ୍ଦ, ମୋହନ ମହାନନ୍ଦ, ମିଲୁ ତାଣ୍ଡି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆକର୍ଷଣୀୟ ମହିମା ଭଜନ କୀର୍ତ୍ତନ ଗାନ କରାଯାଇଥିଲା। ଏଥିରେ ଶତାଧିକ ବାବାମାତା ଭକ୍ତଜନ ଯୋଗଦେଇ ଶରଣ ଦର୍ଶନ କରିଥିଲେ। ସଭା ଶେଷରେ ଉତ୍ତମ ସିଂ ନାଗ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମଟିକୁ ବୈକୁଣ୍ଠେଶ୍ୱର ବାରିକ ସଂଯୋଜନା କରିଥିଲେ।

## ନୂଆପଡ଼ା ଆସିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



**ନୂଆପଡ଼ା, ୮।୧୧(ସମିସ):** ପୂର୍ବତନ ସାଂସଦ ବସନ୍ତ ପଣ୍ଡା ଏବଂ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ ବଗର୍ତ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଉଭୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା ଗସ୍ତରେ ଆସିବାକୁ ନିମନ୍ତ୍ରଣ ଦେଇଛନ୍ତି। ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲ୍ଲା ଗସ୍ତ ଥିବା ବିଧାୟକ ଶ୍ରୀ ବଗର୍ତ୍ତି ସୂଚନା ଦେଇଛନ୍ତି। ତେବେ କ'ଣ ସବୁ କାର୍ଯ୍ୟକ୍ରମ ରହିବ ତାହା ସ୍ପଷ୍ଟ କରାଯାଇନାହିଁ।

## କନ୍ଧମାଳ ଓକିଲ ସଂଘର ବୈଠକ

**ମନମୁଣ୍ଡା, ୮ ।୧୧(ସମିସ):** କନ୍ଧମାଳ ଓକିଲ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଦୂତିଆ ଚରଣ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ କୈଳାଶ ଚନ୍ଦ୍ର ବାରିକ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଂଘର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ଜେଏମଏଫ୍‌ସିର ସରକାରୀ ଓକିଲ ସାଇ ରଞ୍ଜନ ମହାନନ୍ଦିଆଙ୍କ ଏଠାରୁ କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ବଦଳି ହୋଇଥିବାରୁ ଓକିଲ ସଂଘ ତରଫରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।



## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



**ଧର୍ମଗଡ଼, ୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଧର୍ମଗଡ଼ କୃଷି ସୂଚନା ଓ ପରାମର୍ଶଦାତା କମିଟି(ଧର୍ମଗଡ଼)ର ଅଧ୍ୟକ୍ଷ ଥବୀର ପ୍ରସାଦ ସାହୁ, ଜୁନାଗଡ଼ ଅଧ୍ୟକ୍ଷ ଅଶୋକ ପଟ୍ଟନାଏକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ ପରିଡ଼ା, ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ମହାଲି, ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ସଞ୍ଜୟ ପାତ୍ର, ଜୁନାଗଡ଼ କୃଷି ଜିଲ୍ଲା ଅଧିକାରୀ କମଳା ନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ (ଧର୍ମଗଡ଼) ମଳୟ ସିଂ, ଓଡ଼ିଶା କୃଷି ଶିଳ୍ପ ନିଗମ (କଳାହାଣ୍ଡି) ଜିଲ୍ଲା ପରିଚାଳକ ଶରତ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ୩ ଦିନ ଧରି ଚାଲିଥିବା ଏହି କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଓ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ, ତତକାଳ ବୁକିଂ ବ୍ୟବସ୍ଥା କରାଯିବା ଲାଗି କୃଷି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ମେଳାରେ ପ୍ରାୟ ୧୫ରୁ ଅଧିକ ବିଭିନ୍ନ କୃଷି ଯନ୍ତ୍ରପାତି ଷ୍ଟଲ୍ ଖୋଲା ଯାଇଥିଲା। ଧର୍ମଗଡ଼ ଉପଖଣ୍ଡର ୬ଟି ବ୍ଲକରୁ ପଞ୍ଜିକରଣ କରିଥିବା ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାଗ ନେଇଥିଲେ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

**ସୋନପୁର, ୮।୧୧(ସମିସ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ମୁଖ୍ୟବକ୍ତା ଭାବେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ରେଣୁକା ମିଶ୍ର, ସମ୍ମାନିତ ଅତିଥି ଭାବେ ତରଭା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସହକାରୀ ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ଦାଶ ଯୋଗଦେଇଥିଲେ। ନାରୀ ଶିକ୍ଷା କୋ-ଅର୍ଡିନେଟର ମାନସ ସେଠ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଦର୍ଶ ସିଆରସିସି ବ୍ରତାନନ୍ଦ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶେଷରେ





ସହକାରୀ ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିତର୍କ, ପ୍ରବନ୍ଧ, ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଅତିଥିଙ୍କୁ ଆକୃଷ୍ଟକଲା କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ



**ବୀରମହାରାଜପୁର/ସୁବଳୟା, ୮।୧୧(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ଓ ବିଜ୍ଞାନ ମେଳା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲୁହା ଓ ମୁଖ୍ୟବକ୍ତା ଭାବରେ ଧର୍ମ କୁମାର ଶତପଥି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୀରାମହରାଜପୁରର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ ଓ ନୋଡାଲ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସଭାରେ ବିଇଓ ଶାନ୍ତନୁ କୁମ୍ଭକାର ସଭାପତିତ୍ୱ କରିଥିବା ବେଳେ ଆୟୋଜକ ପ୍ରଧାନଶିକ୍ଷକ କାଳିଆ କର୍ମୀ ସମ୍ପାଦକ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଗୌରୀଶଙ୍କର ପୁଜାହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ଣ ୩ଟାରେ ଉଦଯାପନୀ ଉତ୍ସବରେ ବୀରାମହରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଡ଼. ହରପ୍ରସାଦ ମିଶ୍ର, ଡିଇଓ ଲକ୍ଷ୍ମଣ ଭୋଇ, ମୁର୍ଷୁଣ୍ଡୀ ସରପଞ୍ଚ ମନୋଜ ସାହୁ, ସମିତି ସଭ୍ୟା ରୀତା ଗରଡିଆ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମନୋଜ ନାଏକ ଯୋଗଦେଇଥିଲେ। ସଚିତା ନନ୍ଦ ବରିହା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୀଳାମ୍ବର ମେହେର ମଞ୍ଚ ପରିଚାଳନା କରିଥିଲେ। ଜଉଁରାଭଉରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧେଶ୍ୟାମ ପୁରୋହିତ ଓ ଝାର ତରଭା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀ ସିଆର୍‌ସିସି ଏବଂ କୁନି ବୈଜ୍ଞାନିକମାନେ ଏହି ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ। ସର୍ବମୋଟ ୧୭୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀର ବିଷୟ ବସ୍ତୁ ଥିଲା ମାନବ କଲ୍ୟାଣରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା। ବ୍ଲକସ୍ତରରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ଓମ ପ୍ରକାଶ ବେହେରା, ଦେବାଶିଷ ପଧାନ, ପ୍ରିୟଙ୍କା ସାହୁ, ରୁଦ୍ର ନାରାୟଣ କର୍ମୀ, ପ୍ରବୀଣ କୁମାର ସାମଲ, ନୈନିକ କୁମାର ନାଏକ ଓ ସଂଯୁକ୍ତା ମେହେର ପ୍ରମୁଖ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି।

## ୧୩୫ ପ୍ରକଳ୍ପ ପ୍ରଦର୍ଶିତ

**ବୌଦ୍ଧ, ୮ ।୧୧(ସମିସ):** ବୌଦ୍ଧ ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ କମଳାକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରବୀର ରଥ, ତାଳସରଡା କ୍ଲଷ୍ଟର ସିଆର୍‌ସିସି ସଞ୍ଜୟ ଦେହୁରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ମେହେର ଅଧ୍ୟକ୍ଷତା କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରୁ, ସମ୍ମାନିତ ଅତିଥି ଭାବେ ଖାଦ୍ୟ ପକ୍ରୀୟାକରଣ ଅଧିକାରୀ ସୁଚିତ୍ରା ତ୍ରିପାଠୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ଏବିଇଓ ପ୍ରବୀର ରଥ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ସିଂ, ମୁଖ୍ୟବକ୍ତା ଭାବେ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ବର୍ତ୍ତମାନ ଯୁଗରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଭରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ୧୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାସ୍ତରକୁ ମନୋନୀତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



## ରାଜ୍ୟସ୍ତରୀୟ 'ସୁରଭି'କୁ ଦୁଇ ଛାତ୍ରୀ ମନୋନୀତ



ସୁବଳୟା, ୮।୧୧(ସମିସ): ସୋନପୁରରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟର ଚାରିଜଣ ଛାତ୍ରୀ ବାଜିମାତ କରିଛନ୍ତି। ଯୁକ୍ତ ଦୁଇ କଳାର ସୌମ୍ୟାଶ୍ରୀ ରଥ ତର୍କ ଏବଂ ରାଜେଶ୍ୱରୀ ପଧାନ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଞ୍ଜନା ମହାକୁର ସୃଜନଶୀଳ ଲିଖନ ଏବଂ ବିଶ୍ୱରୂପା ସାହୁ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଚାରିଜଣଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ସୌମ୍ୟାଶ୍ରୀ ଓ ରାଜେଶ୍ୱରୀ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭିରେ ଭାଗନେବେ। ଗତ ଅକ୍ଟୋବର ୨୭ ତାରିଖରେ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ତର୍କରେ ସୌମ୍ୟଶ୍ରୀ ରଥ ପ୍ରଥମ, କୁଇଜରେ ରାଜେଶ୍ୱରୀ ପ୍ରଧାନ ପ୍ରଥମ, ସୃଜନଶୀଳ ଲିଖନରେ ସଞ୍ଜନା ମହାକୁର ପ୍ରଥମ ଏବଂ ବକ୍ତୃତା ପ୍ରତିଯୋଗିତାରେ ବିଶ୍ୱରୂପା ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ସେହିଭଳି ଅକ୍ଟୋବର ୨୯ ତାରିଖରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଞ୍ଜନା ମହାକୁର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପଢ଼ୀ ଓ ତତ୍ତ୍ୱାବଧାରିକା ଅଧ୍ୟାପିକା ଯାମିନୀ ଦାଶ ଅଭିନନ୍ଦନ ଜଣାଇଛନ୍ତି।

# ସଂଶୟରେ ମୁଣ୍ଡାପଡ଼ା ରେଳଷ୍ଟେସନ

ବୌଦ୍ଧ, ୮।୧୧(ସମିସ):

ବୌଦ୍ଧ ଜିଲ୍ଲା ମୁଣ୍ଡାପଡ଼ା ରେଳଷ୍ଟେସନ ନିର୍ମାଣକୁ ନେଇ ସଂଶୟ ଦେଖା ଦେଇଛି। ବୌଦ୍ଧ ଜିଲ୍ଲାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଦୈର୍ଘ୍ୟ ୧୧୫ କିମିରୁ ଅଧିକ। ହରଭଙ୍ଗା ବ୍ଲକର ସରସରା ଗ୍ରାମ ନିକଟରେ ବୌଦ୍ଧ ରେଳ ଷ୍ଟେସନ ନିର୍ମାଣାଧୀନ ରହିଛି। ବୌଦ୍ଧଗଡ଼ ଏନଏସି ଓ ବୌଦ୍ଧ ବ୍ଲକର ସମୁଦାୟ ଜନସଂଖ୍ୟା ପ୍ରାୟ ୧ ଲକ୍ଷ ୫୧ ହଜାର ଲୋକଙ୍କ ପାଇଁ ପ୍ରାୟ ୪୦ କିମି ମଧ୍ୟରେ କେବଳ ଝାରମୁଣ୍ଡାରେ ଏକମାତ୍ର ଷ୍ଟେସନ ନିର୍ମାଣ କାର୍ଯ୍ୟ ସରିଛି। ତେବେ ମୁଣ୍ଡାପଡ଼ାରେ ଏକ ଷ୍ଟେସନର ଆବଶ୍ୟକତା ଦୃଷ୍ଟିରୁ ମୁଣ୍ଡାପଡ଼ା ଓ ଆଖପାଖ ପଞ୍ଚାୟତର ସଚେତନ ଜନସାଧାରଣଙ୍କ ତରଫରୁ ୨୦୨୩ ଫେବୃଆରୀ ୯ରେ ମୁଣ୍ଡାପଡ଼ା ହାଟପଦାରେ ଏକ ବିଶାଳ ଜନ ସଭା ଆୟୋଜନ ହୋଇଥିଲା। ଜନସାଧାରଣଙ୍କ ଦାବି ଅନୁଭବ କରାଯାଇ ନାଗରିକ କମିଟି ତରଫରୁ ୨୦୨୩ ମାର୍ଚ୍ଚ ୩ରେ କେନ୍ଦ୍ର ରେଳମନ୍ତ୍ରୀ, ରାଜ୍ୟ ବାଣିଜ୍ୟ ପରିବହନ ମନ୍ତ୍ରୀ, ରାଜ୍ୟ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓ ବୌଦ୍ଧ ଜିଲ୍ଲାପାଳଙ୍କୁ ମୁଣ୍ଡାପଡ଼ାରେ ଷ୍ଟେସନ ନିର୍ମାଣ ପାଇଁ ପ୍ରସ୍ତାବ



ଦିଆଯାଇଥିଲା। ନାଗରିକ କମିଟିର ପ୍ରସ୍ତାବକୁ ବିଚାରକୁ ନେଇ ପୂର୍ବତଟ ରେଳପଥ ସାକାରାତ୍ମକ ପଦକ୍ଷେପ ଗ୍ରହଣ କରିଥିଲା। ପୂର୍ବତଟ ରେଳପଥ ତରଫରୁ ନାଗରିକ କମିଟିକୁ ୧୯।୧୨।୨୦୨୩ରେ ସୂଚୀତ କରାଯାଇଥିଲା ଯେ ବୈଷୟିକ କାରଣ ଦୃଷ୍ଟିରୁ ମୁଣ୍ଡାପଡ଼ାରେ ଏକ ଷ୍ଟେସନ ନିର୍ମାଣରେ ଅସୁବିଧା ଦେଖାଯାଉଛି; ହେଲେ ମୁଣ୍ଡାପଡ଼ାରେ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପାସେଞ୍ଜର ହଲ୍ଟ ଷ୍ଟେସନ ସ୍ଥାପନ ସକାଶେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଷ୍ଟେସନ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ସଂଯୋଗୀ ରାସ୍ତା ଦେବାପାଇଁ ଜଣାଇ ଦିଆଯିବ ବୋଲି କୁହାଯାଇଥିଲା। ଏହି ମର୍ମରେ ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ମୁଣ୍ଡାପଡ଼ାର ଧର୍ମୁଧର ପୋଢ, ବିଘ୍ନରାଜ ପ୍ରଧାନ ପ୍ରମୁଖ ବୌଦ୍ଧର ତତ୍କାଳୀନ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁହେବା ପୂର୍ବରୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଇତି ମଧ୍ୟରେ ସୋନପୁରରୁ ବୌଦ୍ଧ ପର୍ଯ୍ୟନ୍ତ ରେଳପଥ ସୁରକ୍ଷା ଯାଞ୍ଚ ମଧ୍ୟ ସମାପ୍ତ ହୋଇସାରିଲାଣି। ଡିସେମ୍ବରରେ ବୌଦ୍ଧ ପର୍ଯ୍ୟନ୍ତ ରେଳ ଚଳାଚଳ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ବୌଦ୍ଧ ଜିଲ୍ଲାର ମୁଣ୍ଡପଡ଼ା ଷ୍ଟେସନ ନିର୍ମାଣ ଦିଗରେ ପୂର୍ବତଟ ରେଳପଥ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ପ୍ରତୀୟମାନ ହେଉଛି। ତେଣୁ ଏ ଦିଗରେ ରେଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟଥା ଏକ ବଡ଼ ଧରଣର ଜନ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

## ୩ ଗାଁକୁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



- ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବ
- ଉପାନ୍ତ ଅଞ୍ଚଳକୁ ରାସ୍ତା ଫିଟିବ

ହରଭଙ୍ଗା, ୮।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଅପହଞ୍ଚ ଇଲାକା ଉପାନ୍ତ ଅଞ୍ଚଳ କଣ୍ଡରା, କାଚପାୟୁ, ସୁଲୁକେଟି ଆଦି ଗ୍ରାମର ଲୋକଙ୍କ ଲାଗି ଏବେ ଖୁସିର ଖବର ଆସିଛି। ଏହି ସବୁ ଗାଁକୁ ରାସ୍ତା ନିର୍ମାଣ ଲାଗି ଶୁଭ ପଡ଼ିଛି। ଏଥିପାଇଁ ୧୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଅଡେଣିଗଡ଼ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବରିଷ୍ଠ ଅଧିକାରୀ ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବିଡ଼ିଓ ଶରତ ସେଠୀ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ସୁବ୍ରତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ତଦନ୍ତ ଭୟରେ ଛାନିଆ ବନ ବିଭାଗ



- ଦିନରାତି ଗଛ ସୁରକ୍ଷା ପାଇଁ ଗୁଡ଼ା ନିର୍ମାଣ
- ଜୁଲାଇ ବଦଳରେ ନଭେମ୍ବରରେ ବି ଚାରା ଲାଗୁଛି

ହରଭଙ୍ଗା, ୮।୧୧(ସମିସ): ବୌଦ୍ଧ ବନ ବିଭାଗ ନିଜର ଅପାରଗତାକୁ ନେଇ କିଛିଦିନ ହେଲା ଚର୍ଚ୍ଚାରେ ରହିଛି। ବିଭିନ୍ନ କାର୍ଯ୍ର ତଥା ବିଭିନ୍ନ ଯୋଜନାରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟର ଦୁର୍ନୀତିରେ ଛନ୍ଦି ହୋଇପଡଉଛି। ଏ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ବରେ ବନ ବିଭାଗର ନିଦ ହଜି ଯାଇଛି। ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଛାନିଆ ହୋଇପଡ଼ିଛନ୍ତି। ଦିନରାତି ଗଛ ସୁରକ୍ଷା ପାଇଁ ଗୁଡା ନିର୍ମାଣ ଚାଲିଛି। ତେବେ ଜୁଲାଇ ବଦଳରେ ନଭେମ୍ବରରେ ବି ଚାରା ଲଗାଇବା ଆଶ୍ଚର୍ଯ୍ୟ କରିଛି।

ବର୍ତ୍ତମାନ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରେଳପଥ ପାର୍ଶ୍ୱରେ ବନି କରଣ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନ ଆସିଛି। ତେବେ ବନିକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି। ପ୍ରତ୍ୟକ ଗଛର ସୁରକ୍ଷା ତଥା ଯତ୍ନ ପାଇଁ ଗୁଡା ବାବଦରେ ୧୬୮୦ ଟଙ୍କା ଆସିଛି। ବିଭାଗର କେତେକ ଅସାଧୁ କର୍ମଚାରୀ କିନ୍ତୁ ନିଜର ପକେଟ ଗରମ ପାଇଁ ନିମ୍ନମାନର ପ୍ଲାଷ୍ଟିକ ଜାଲିରେ ତିନିଖଣ୍ଡ ଦୁର୍ବଳ କାଠ ଦେଇ ଲଗାଯାଇଥିବା ଦେଖିବାକୁ ମିଳିଛି। ଗୁଡା ବାବଦରେ ବଳକା ଅର୍ଥକୁ ବାଟ ମାରଣା ପାଇଁ ଯୋଜନା ଫସର ଫାଟିଛି। ଏଭଳି ଘଟଣାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପରେ ବନ ବିଭାଗ ତଦନ୍ତ ଭୟରେ ଗୁଡା ନିର୍ମାଣ କରୁଛି। ରାଧାନଗର, ପୁରୁଣା କଟକ, ଚାରିଛକ, ବୁଟୁପାଲି, ବଘାର ପାଲି, ବୌଦ୍ଧ ସହରର ବିଭିନ୍ନ ୱେଲ୍ଡିଂ ଦୋକାନରେ ଲୁହା ତାର ଜାଲି ଗୁଡା ନିର୍ମାଣ ଜୋର ସୋରରେ ଚାଲିଛି। କେତେକ ସ୍ଥାନରେ ଗଛ ଲଗାଇବାରେ ବିଭାଗୀୟ କର୍ମଚାରୀ ଝାଳ ନାଳ ହୋଇ ଲାଗି ପଡ଼ିଛନ୍ତି।

## କ୍ରିୟାନୁଷ୍ଠାନ କମିଟି ବୈଠକ

ଡୁଙ୍ଗୁରିପାଲି, ୮।୧୧(ସମିସ): ସ୍ଥାନୀୟ ଗେଷ୍ଟହାଉସ୍‌ରେ ଅଲ୍ ଓଡ଼ିଶା କେଡିକେ ହଟାଅ କ୍ରିୟାନୁଷ୍ଠାନ କମିଟି ଡୁଙ୍ଗୁରିପାଲି ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଆଇନଜୀବୀ ତଥା ସଂଗଠନର ରାଜ୍ୟ ସଂଯୋଜକ ଲକ୍ଷ୍ମଣ ଭରାସାଗରଙ୍କର ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ କମିଟିର ବରିଷ୍ଠ ଉପସଭାପତି ଦିଗ୍‌ଶନ୍ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ କମଟିର ସାଧାରଣ ସମ୍ପାଦକ ଡିଙ୍ଗିର କୁମ୍ଭାର ବୈଠକର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ତେବେ ଅସାମ୍ବିଧାନିକ ପ୍ରକ୍ରିୟା ମାର୍ଫତ୍‌ରେ ଅନୁସୂଚିତ ଜାତି ତାଲିକାରେ ଧସେଇ ପଶିଥିବା ନକଲି ଦେୱାର୍ ତଥା କେଉଟ, ଧୀବର ଓ କୈବର୍ତ୍ତଙ୍କୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦେବା ନେଇ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଥିଲା। ସୂଚନା ଯୋଗ୍ୟ ଚଳିତ ନଭେମ୍ବର ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଞ୍ଚଦିନ ବ୍ୟାପୀ ଆମରଣ ଅନଶନରେ ବସିବା ନେଇ ନିଷ୍ପତ୍ତି ନିଆଯାଇଛି। ଅଧିକନ୍ତୁ, ଏହି ସମୟ ମଧ୍ୟରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ ପର୍ଯ୍ୟାୟକ୍ରମେ କମିଟିର ପ୍ରତିନିଧି ଦଳ ଗଣଧାରଣା ଦେବାକୁ ସହମତି ପ୍ରକାଶ ପାଇଥିବା ଜଣାଯାଇଛି। ବୈଠକରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ପ୍ରତିନିଧିମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଧନଞ୍ଜୟ ଦୀପ, ବାପି ବେହେରା, ଟିକେମନ ଦୀପ, ବିମ୍ବାଧର ବାଗ, ସୁଦର୍ଶନ ପାଣ୍ଡବ, ବିଶ୍ୱମ୍ଭର ମହାନନ୍ଦ, ନିତେଇ ପାଲ, ଦିଲୀପ ଦିଗାଲ, ହରିବ୍ରତ ସେନାପତି ଓ ରାମଚନ୍ଦ୍ର ନନ୍ଦିଆ ପ୍ରମୁଖ ସେମାନଙ୍କର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗଣ୍ଡାପଡ଼ାବାସୀ ମୁଖ୍ୟ ସହଯୋଗୀ ରହିଥିବା ବେଳେ ଶେଷରେ କମିଟିର ଅନ୍ୟତମ ରାଜ୍ୟ ଉପସଭାପତି ସୁଧାଂଶୁ ଡାଙ୍ଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ କାରବାରରେ ଜଣେ ଗିରଫ

ଶଗଡ଼ା, ୮।୧୧(ସମିସ): କଣ୍ଟାମାଳ ଅବକାରୀ ବିଭାଗ ଖଲିଆପାଲି ଗ୍ରାମ୍ୟ ରାସ୍ତାରୁ ୨୫ ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ଖଲିଆପାଲି ଗ୍ରାମର ନିରୋଦ ବଗର୍ତ୍ତି(୨୬)କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ସୂଚନା ଦେଇଛନ୍ତି।

## ସମ୍ବଲପୁର-ଶଗଡ଼ା ବସ୍ ଚଳାଚଳ ବନ୍ଦ ପରେ ଲୋକେ ହଇରାଣ

ଶଗଡ଼ା, ୮।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଅନେକ ଗାଁ ରହିଛି। ସେଥିମଧ୍ୟରୁ ଶଗଡ଼ା ଏକ ପ୍ରମୁଖ ସ୍ଥାନ। ଉପାନ୍ତ ଅଞ୍ଚଳରେ ପାଖାପାଖି ୫୦୦୦ରୁ ଅଧିକ ଲୋକ ଶଗଡ଼ା ଉପରେ ନିର୍ଭର କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାଣିଜ୍ୟ ବ୍ୟବସାୟ, ବ୍ୟାଙ୍କ ସେବା ପାଇଁ ପ୍ରତି ଦିନ ଶଗଡ଼ା ଉପରେ ନିର୍ଭର କରିଥାନ୍ତି। ପୂର୍ବରୁ ଏହି ସ୍ଥାନକୁ ପତି ଆଣ୍ଡ ପତି ନାମକ ଏକ ଘରୋଇ ବସ୍ ଆସୁଥିଲା। ସକାଳୁ ଶଗଡ଼ାରୁ ବାହାରି ବରଗୋଛା, ବିଳାସପୁର, ଗୁଡଭେଲିପଦର, ମନମୁଣ୍ଡା, ସୋନପୁର ଦେଇ ସମ୍ବଲପୁର ଯାଉଥିଲା; କିନ୍ତୁ ବର୍ଷେ ହେବ ତାହା ଚଳାଚଳ କରିବା ବନ୍ଦ ହୋଇ ଯାଇଛି। ଏହି ବସ୍ ଉପରେ ଶଗଡ଼ା, ବରଗୋଛା, ଶୁଣ୍ଠିପଦର, ବିଳାସପୁର, ଗୁଡଭେଲିପଦର, ମନମୁଣ୍ଡା ଆଦି ୬ଟି ପଞ୍ଚାୟତର ଲୋକ ନିର୍ଭର କରି ଆସୁଥିଲେ; କିନ୍ତୁ ଏହି ବସ୍ ବନ୍ଦ ହୋଇଯିବା ଦିନଠାରୁ ଅଞ୍ଚଳର ୨୦ ହଜାରରୁ ଅଧିକ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୌଣସି କାମରେ ବାହାରକୁ ଗଲେ ସନ୍ଧ୍ୟା ହୋଇଯିବା ପରେ ଘରକୁ ଫେରିବା ଅସମ୍ଭବ ହୋଇ ପଡୁଛି। ଚିହ୍ନା ପରିଚ, ସମ୍ପର୍କୀୟ, ସାଙ୍ଗସାଥିଙ୍କ ଘରେ ଆଶ୍ରୟ ନେଇ ପର ଦିନ ସକାଳୁ ଘରକୁ ଫେରିବାକୁ ପଡୁଛି। ଛାତ୍ରଛାତ୍ରୀ କଲେଜ ପଢ଼ିବାକୁ ଯିବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟ ପାଇଁ ସମ୍ବଲପୁରରୁ ଏହି ଅଞ୍ଚଳକୁ ବହୁ ବ୍ୟବସାୟୀ ମାଲ୍ ଆଣିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅଞ୍ଚଳର ଅବହେଳିତ ଅବସ୍ଥା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବରଗୋଛାର ଯୁବ ବ୍ୟବସାୟୀ ରତ୍ନାକର ପ୍ରଧାନ, ଶଗଡ଼ାର ସୁଶାନ୍ତ ଛନ୍ଦଙ୍କ ସମେତ ଅଞ୍ଚଳର ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

## ଆନ୍ତଃ କ୍ଲବ୍ ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାନଦୀ ସ୍ପୋର୍ଟିଂ ୧୬୩ ରନ୍‌ରେ ବିଜୟୀ



ବୌଦ୍ଧ, ୮।୧୧(ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ମହାନଦୀ ସ୍ପୋର୍ଟିଂ ଓ ଜୟ ଭୈରବୀ କ୍ଲବ ବୌଦ୍ଧ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥଲା। ମହାନଦୀ ସ୍ପୋର୍ଟିଂ ୧୬୩ ରନ୍‌ରେ ବିଜୟୀ ହୋଇଛି। ମହାନଦୀ ସ୍ପୋର୍ଟିଂ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୪୧.୩ ଓଭରରେ ସମସ୍ତ ୱିକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ତରଫରୁ ନନ୍ଦନ ରାଉତ ୮୮ ବଲ୍‌ରୁ ୭୬ ରନ୍ ଓ ଖନାପୁରୀ ମେହେର ୨୩ ବଲ୍‌ରୁ ୩୧ ରନ୍ ସଂଗ୍ରହ କରିଥିଲେ। ଜୟ ଭୈରବୀ କ୍ଲବର ଇସାଙ୍ଗସୁ ନାମଦେବ ୪ଟି ଓ ଚନ୍ଦ୍ର ପଟ୍ଟନାୟକ ୩ଟି ୱିକେଟ ନେଇଥିଲେ। ଦ୍ୱିତୀୟ ଇନିଙ୍ଗସରେ ଜୟ ଭୈରବୀ କ୍ଲବ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୫୭ ରନ୍ କରିପାରିଥିଲା। ଏହା ଫଳରେ ୧୬୩ ରନ୍‌ରେ ମହାନଦୀ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ମହାନଦୀ ସ୍ପୋର୍ଟିଂ ଦଳର ଅନୁରାଗ କନୌଜିଆ ୬ଟି ଓ ଇନ୍ଦ୍ରଜିତ ପ୍ରଧାନ ୨ଟି ୱିକେଟ ନେଇଥିଲେ। ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅନୁରାଗ କନୌଜିଆ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ମ୍ୟାଚକୁ ଅମ୍ବରୀଶ ପ୍ରଧାନ ଓ ରଞ୍ଜିତ ଚାନ୍ଦ ପରିଚାଳନା କରିଥିଲେ। ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶନିବାର ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଓ ଗେହ୍ଲା ମା' କ୍ଲବ ବୌଦ୍ଧ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ୧୦ ଦିନ ହେଲା ଅନ୍ଧାରରେ ୩୦ ପରିବାର

ଶଗଡ଼ା, ୮।୧୧(ସମିସ): ସରକାର ସମସ୍ତ ପରିବାରକୁ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ୧୦ଦିନ ହେଲା ୩୦ପରିବାର ଅନ୍ଧାରରେ ଅଛନ୍ତି। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ସୂର୍କାଭଟା ଗ୍ରାମରେ। ଏହି ଗ୍ରାମରେ ଥିବା ଟ୍ରାନ୍ସଫର୍ମର ପୋଡ଼ିଯିବାର ୧୦ଦିନ ବିତି



ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନୂତନ ଟ୍ରାନ୍ସଫର୍ମ ଲାଗି ନାହିଁ। ବିଦ୍ୟୁତ୍ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ସୁବଳୟା/ବୀରମହାରାଜପୁର, ୮।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରଘୁନାଥ ଜଗଦଲା ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଯୋଗଦାନ କରିବା ପାଇଁ ଜିଲ୍ଲାର ସମସ୍ତ ଅଧିକାରୀ ଯଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ, ଜନସ୍ୱାସ୍ଥ୍ୟ ଅଧିକାରୀ, କୃଷି ଅଧିକାରୀ, ବିଦ୍ୟୁତ, ବନ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଜଳଯୋଗାଣ, ଜଳ ସେଚନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁପାଳନ, ଶିକ୍ଷା, ଶିଳ୍ପ, ସାମାଜିକ ଶିକ୍ଷା, ଶିଶୁ ସୁରକ୍ଷା, ସମାଜ ମଙ୍ଗଳ ଓ ସଂସ୍କୃତି ଆଦି ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଛଟ୍ ପର୍ବ ପାଳିତ; ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ବ୍ରତ ଉଦ୍‌ଯାପନ କଲେ ବିହାରୀ ମହିଳା



ବୌଦ୍ଧ, ୮।୧୧(ସମିସ): ବୌଦ୍ଧ ସହର ଚନ୍ଦ୍ରଚୂଡ ମନ୍ଦିର ମହାନଦୀ ଘାଟରେ ପ୍ରବାସୀ ବିହାରୀ ମହିଳାମାନଙ୍କ ଦ୍ୱାରା ୩ ଦିନିଆ ଛଟ୍ ପର୍ବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ମହିଳାଗଣ ନିଜ ନିଜ ଘରେ ଉପବାସରେ ରହି ଛଟ୍ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ସନ୍ଧ୍ୟାରେ ନଦୀ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ଶୁକ୍ରବାର ସକାଳେ ମହାନଦୀ ଘାଟକୁ ଆସି ପୂଜା କରିବା ସହ ସୂର୍ଯ୍ୟଙ୍କ ଦର୍ଶନ କରି ଅର୍ଘ୍ୟ ଅର୍ପଣ କରିଥିଲେ।

### ବୀରମହାରାଜପୁର ଅଞ୍ଚଳରେ ମରୁଡ଼ି ଆଶଙ୍କା

# ଚାଷଜମିରେ ଗୋରୁ ଛାଡ଼ିଦେଲେ ଚାଷୀ

ସୁବଳୟା, ୮।୧୧(ସମିସ):

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳରେ କମ୍ ବର୍ଷ ଯୋଗୁଁ ମରୁଡ଼ି ଆଶଙ୍କା ଦେଖାଦେଇଛି। ଫଳରେ ଅନେକ ସ୍ଥାନରେ ଧାନ ଗଛ ମରିଯାଉଥିବା ଦେଖାଦେଇଛି। ଫଳରେ ଚାଷୀମାନେ ବାଧ ହୋଇ ଚାଷ ଜମିରେ ଗାଇଗୋରୁ ଛାଡ଼ି ଦେଉଥିବା ଦେଖିବାକୁ ମିଳିଛି। ସେହିପରି କପା ଚାଷ ମଧ୍ୟ କମ ବର୍ଷା ଯୋଗୁଁ ଠିକ୍ ଭାବରେ ଅମଳ ହୋଇପାରିନାହିଁ। ଚାଷୀ ଧାରକରଜ କରି ବିହନ, ସାର ଓ ବିଭିନ୍ନ କିଟନାଶକ ଔଷଧ କିଣିଛନ୍ତି। ବିଶେଷ କରି ଜମିରେ ପାଣି ମଡ଼ାଇବା ପାଇଁ ପାଣିମଟର ଭଡ଼ାରେ ଆଣି ଚାଷୀ ଅନେକ ଟଙ୍କା ବ୍ୟୟ କରିଛନ୍ତି। ଏବେ ଚାଷ ଜମି ଫାଟି ଆଁ କଲାଣି। ଏବର୍ଷ ସ୍ୱଳ୍ପ ବୃଷ୍ଟି ପାତ ହେତୁ ଧାନ ଅମଳ ହେବା ସମୟରେ ଧାନ ଚାଷ ନଷ୍ଟ ହେବାକୁ ବସିଲାଣି। ଅନେକ ଚାଷୀ ନିଜ ଜମିରେ ଗାଇ ବଳଦ ଛାଡ଼ି ଦେଉଥିବା ଦେଖିବାକୁ ମିଳୁଛି। ସୂଚନାନୁଯାୟୀ, ଏବର୍ଷ ଅଗଷ୍ଟ ମାସରେ ସ୍ୱାଭାବିକ ବୃଷ୍ଟିପାତ ହାର ୩୯୫.୮ ମିମି ହୋଇଥିବାବେଳେ



ଉକ୍ତ ମାସ ୫୩୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ସେପ୍ଟେମ୍ବରରେ ସ୍ୱାଭାବିକ ବୃଷ୍ଟିପାତ ହାର ୨୧୬.୨ ମିମି ହୋଇଥିବାବେଳେ ଉକ୍ତ ମାସ ୨୪୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ଅକ୍ଟୋବରରେ ସ୍ୱାଭାବିକ ବୃଷ୍ଟିପାତ ହାର ୫୦.୨ ମିମି ହୋଇଥିବାବେଳେ ଆଜି ସୁଦ୍ଧା ମାତ୍ର ୩ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଚାଷଜମି ଥିବା ପଞ୍ଚାୟତଗୁଡ଼ିକ କେନଝରିଆପାଲି, ଲୁତୁରପଙ୍କ, ମୁର୍ଷୁଣ୍ଡୀ, ଦୁର୍ଜନତୈଳା, ବହଲପଦର୍ ଓ ଖଣ୍ଡହତା ଆଦି ବିଭିନ୍ନ ପଞ୍ଚାୟତରେ ଯେଉଁ ଚାଷଜମି ନିକଟରେ ଜଳଉତ୍ସର ସୁବିଧା ଅଛି ଖର୍ଚ୍ଚାନ୍ତ ହୋଇ ଚାଷୀମାନେ ଫସଲ ବଞ୍ଚେଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଯେଉଁ ଚାଷୀଙ୍କ ସମ୍ବଳ ନାହିଁ, ସେମାନେ ବର୍ଷାକୁ ଆଶା କରି ରହିଛନ୍ତି। ଏଣୁ ସାମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳସେଚନ ଓ କୃଷି ବିଭାଗ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ୨୦୨୩ ମସିହାରେ ଗଭୀର ନଳକୂପ ଖୋଳାଯାଇଥିଲା କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ନଳକୂପରେ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଖାଲି ବିଦ୍ୟୁତ ଖୁଣ୍ଟ ପୋତି ଦିଆଯାଇଛି। ଏବେ ଲୋକମାନେ ପାଖରେ ଥିବା ନାଳ ବନ୍ଧମାନଙ୍କରୁ ପେଟ୍ରୋଲ ଓ ଡିଜେଲ ଚଢ଼ାଦରରେ କିଣି ପାଇପ ଯୋଗେ ନିଜ ଚାଷ ଜମିରେ ପାଣି ମଡ଼ାଉଥିବା ଦେଖାଦେଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲଙ୍କୁ ପଚାରିବାରୁ ଏବେ ବର୍ଷା ଦିନ ଯାଇଛି କାମ ଆରମ୍ଭ କରି ମାର୍ଚ୍ଚ ସୁଦ୍ଧା କାମ ଶେଷ ହୋଇଯିବ ବୋଲି ସେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

